ସକାଳ
THE SAKALA



## ବିଜେପିରେ ମିଶ୍ରଣକୁ ଖଣ୍ଡନ କଲେ ଷଷ୍ଠୀ ଗୋପାଳ ଓ ଲୋକନାଥ ପୂଜାରୀ

ଚନ୍ଦାହାଣ୍ଡି,୧୭।୧(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ଫଟକି ସାଂସଦଙ୍କ ଗ୍ରାମଠାରେ ଗତ ଦଶ ତାରିଖ ଦିନ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ସେଥିରେ ଅନେକ କଂଗ୍ରେସ ଓ ବିଜେଡି କର୍ମୀ ଦଳ ଛାଡି ବିଜେପିରେ ଯୋଗଦେଇଥିଲେ । ସେଥିମଧ୍ୟରୁ ଷଷ୍ଠୀ ଗୋପାଳ ବିଜୁ ଜନତା ଦଳର ବ୍ଲକ ଉପ ସଭାପତି ରହିଥିବା ସହ ସେ ପାଣି ପଂଚାୟତର ସଭାପତି ରହିଥିବା ବେଳେ ଚାଷୀଙ୍କ ସମସ୍ୟାର ସମାଧାନ ନେଇ ପାଣିପଞ୍ଚାୟତ ତରଫରୁ ଏକ ଦାବିପତ୍ର ଦେବା ସାଂସଦ ବଳଭଦ୍ର ମାଝୀଙ୍କୁ ଦାବି ଜଣେଇବା ପାଇଁ ଯାଇଥିଲେ । କଳାକାରଙ୍କ ସମସ୍ୟା ନେଇ ସଙ୍ଘ ପକ୍ଷରୁ ପୂର୍ବତନ ସରପଞ୍ଚ ତଥା ଲ୍ୟାମ୍ପ ସଭାପତି ଲୋକନାଥ ପୂଜାରୀ ମଧ୍ୟ ଭେଟିବାକୁ ଯାଇଥିବା ଗଣମାଧ୍ୟମରେ ପ୍ରକାଶ କରିଥିବା ବେଳେ ମୋର ଅନିଚ୍ଛା ତଥା ବିନା ସହମତିରେ ମୋତେ ବିଜେପିରେ ମିଶିଥିବା ବିଷୟକୁ ଉଭୟ ଖଣ୍ଡନ କରିବା ସହ ମିଛ ଖବର ଆମ୍ଭଙ୍କୁ ବହୁତ କଷ୍ଟ ହେଇଥିଲା । ଆମେ ଉଭୟ ରମେଶ ଚନ୍ଦ୍ର ମାଝୀଙ୍କର ଜଣେ ଜଣେ ଦୃଢ଼ ସମର୍ଥକ । ରମେଶ ମାଝୀ ଯେଉଁଠି ଆମ୍ଭେ ସେଇଠି ବୋଲି ମତାମତ ପରିପ୍ରକାଶ କରି ତାଙ୍କ ସହିତ ଥିଲୁ ଏବଂ ଭବିଷ୍ୟତରେ ମଧ୍ୟ ରହିବୁ ବୋଲି କହିଛନ୍ତି ।

## ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ଉଦ୍‌ଯାପିତ



ତେନ୍ତୁଳିଖୁଣ୍ଟି,୧୭।୧(ସମିସ): ତେନ୍ତୁଳିଖୁଣ୍ଟି ପିଏମ୍ ଶ୍ରୀ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଆନନ କୁମାର ଭତରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସନ୍ତୋଷ କୁମାର ପାତ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ସେହିପରି ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ରୂପେ ବିଧାୟକ ପ୍ରତିନିଧି ଧରଣୀଧର ସିଂହ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝୀ, ପୂର୍ବତନ ଛାତ୍ର ସଭାପତି ଅଖିଳ ଭତରା, ହନେଶ୍ ପାତ୍ର ବାଘ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତୁଳାରାମ କର୍କରା ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକ ବିଭାଶିଷ ଦେଓ ମଞ୍ଚ ପରିଚାଳନା କରିଥିଲେ । ଉଦ୍‌ଯାପନୀ ସମାରୋହରେ ବିଇଓ ସୁଦୀପ୍ତ କୁମାର ଦାଶ ଓ ରାଜ୍ୟ ସଭା ସାଂସଦ ପ୍ରତିନିଧି କାହ୍ନୁ ଦାଶ ଉପସ୍ଥିତ ଥିଲେ । ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଆଲୁମିନା ଓ ଅଭିଭାବକ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ।

## ଲାଇବ୍ରେରୀ ଗୃହ ନିର୍ମାଣ ପାଇଁ ଶୁଭ



କୋରାପୁଟ,୧୭।୧(ସମିସ): ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ କୋରାପୁଟ ଓକିଲ ସଂଘର ନୂତନ ଲାଇବ୍ରେରୀ ଗୃହ । କୋରାପୁଟ ସାଂସଦ ସପ୍ତଗିରି ଉଲାକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ସଭାପତି ପ୍ରଭାତ କୁମାର ମହାପାତ୍ର, ଉପ ସଭାପତି କୃଷ୍ଣ ସାଁ , ସଂପାଦକ ସୁନୀଲ କୁମାର ଜେନା, କୋଷାଧ୍ୟକ୍ଷ କାମାକ୍ଷା ପ୍ରସାଦ ମାଝୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଯୁବ ଓକିଲ ତଥା ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ମୁନସିପାଲଟି ଇଞ୍ଜିନିୟର ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ ପ୍ରମୁଖ ଯୋଗଦେଇଥିଲେ ।

### ଅବକାରୀ ଓ ପୁଲିସର ମିଳିତ ଚଢ଼ଉ

# ମହିଳାଙ୍କ ସମେତ ୨ ଗିରଫ



କୋରାପୁଟ,୧୭।୧(ସମିସ): କୋରାପୁଟ ସଦର ଅବକାରୀ ଟିମ ଏବଂ ଦାମନଯୋଡି ପୁଲିସ ଶନିବାର ମିଳିତ ଭାବେ ଚଢ଼ଉ କରି ବେଆଇନ ମଦ କାରବାର ଅଭିଯୋଗରେ ଜଣେ ମହିଳାଙ୍କ ସହ ଦୁଇଜଣଙ୍କୁ ଗିରଫ କରିଥିବା ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି । ଦାମନଯୋଡି ଓ ମାଥାଲପୁଟ ଅଞ୍ଚଳରେ ବେଆଇନ ମଦ ବିକ୍ରି ହେଉଥିବା ଅଭିଯୋଗ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀ ପାଇ ସେହି ଅଞ୍ଚଳରେ ଚଢ଼ଉ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ପାଢୀଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା । ମାଥାଲପୁଟରେ ଚଢ଼ଉ କରି ମାଧବ ବିଶୋଇ ନାମକ ଜଣକୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୮ ଲିଟର ଦେଶୀ ମଦ ଜବତ କରା ଯାଇଥିଲା । ଅବକାରୀ ବିଭାଗ ମାଧବଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସେହିପରି ଦାମନଯୋଡି ତଳ ସାହିରେ ଚଢ଼ାଉ କରି ରାଧା ଦିଶାରି ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରି ତାଙ୍କ ଠାରୁ ୬.୫ ଲିଟର ବିୟର ଜବତ କରା ଯାଇଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଦାମନଯୋଡି ଥାନା ସବଇନ୍ସପେକ୍ଟର ସୁପ୍ରିୟା ପଟ୍ଟନାୟକ, ସଦର ଅବକାରୀ ଓଆଇସି ଜଗବନ୍ଧୁ ଜାନି, ମମତାମୟୀ ମହାନ୍ତି, ଧନୁର୍ଜୟ ପୂଜାରୀ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ ।

## ଟିପି ଏସଓଡିଏଲ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର



ଜୟପୁର,୧୭।୧(ସମିସ): ଜୟପୁର ଟାଟା ପାୱାର ବିଦ୍ୟୁତ (ଟିପିଏସ ଓଡିଏଲ) ସର୍କଲର ସୁରକ୍ଷା ବିଭାଗ ଏବଂ ସି.ଏସ.ଆର ପକ୍ଷରୁ ଜାତୀୟ ସଡକ ସୁରକ୍ଷା ଉପଲକ୍ଷେ ଯାନବାହାନ ଚାଳକଙ୍କ ପାଇଁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁମାତ୍ରାରେ ଦୁଇ, ଚାରି ଏବଂ ଅନ୍ୟାନ୍ୟ ଯାନବାହନ ଚାଳକ ମାଗଣା ଚକ୍ଷୁ ପରୀକ୍ଷା କରିବା ସହ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିଥିଲେ । ସହରର ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ହରେକ୍ରିଷ୍ଣା ସମସ୍ତ ଶିବିରାର୍ଥୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଏହି ଶିବିରକୁ ବିଦ୍ୟୁତ ବିଭାଗର ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରା ଓ ସିଏସ୍‌ଆର ଅଧିକାରୀ ସୋମ ମହାପ୍ରସାଦଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିଭାଗିୟ ଯନ୍ତ୍ରୀ ରଣଧିର ସିଂ ଏବଂ ସୋମ୍ୟ ରଞ୍ଜନ ଲେଙ୍କା ପରିଚାଳନା କରିଥିଲେ ।

## ମୂର୍ତ୍ତି ଭଙ୍ଗା ଘଟଣା; ଶିକ୍ଷକ ଥାନାରେ ଅଟକ

ଅମ୍ବାଦଳା,୧୭।୧(ସମିସ): ମଦ ନିଶାରେ ବିଦ୍ୟାଳୟ ପରିସରରେ ଥିବା ଭଗବାନ ଗଣେଶ ଓ ସରସ୍ୱତୀଙ୍କ ମୂର୍ତ୍ତି ଭାଙ୍ଗିବା ଘଟଣାରେ ଅମ୍ବାଦଳା ପୁଲିସ ସଂପୃକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି । ଆଜି ଆମ୍ବଦଳା ପୁଲିସ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ । ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଏନେଇ ପଚରାଉଚରା କରିଥିଲା । ଗତ ୧୫ ତାରିଖ ରାତିରେ ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ କେ କ୍ରିଷ୍ଣା ରାଜୁ ମଦ ନିଶାରେ ବିଦ୍ୟାଳୟ ପରିସରରେ ଘୁରି ବୁଲୁଥିଲେ । ସନ୍ଧ୍ୟା ସମୟରେ ଶିକ୍ଷକ ଜଣକ ବିଦ୍ୟାଳୟ ପରିସରରେ ରଖାଯାଇଥିବା ଗଣେଶ ଏବଂ ସରସ୍ୱତୀ ମୂର୍ତ୍ତି ସହ ବାର୍ତ୍ତାଳପ କରି ପ୍ରଶ୍ନ ପଚାରିବା ଆରମ୍ଭ କରିଦେଇଥିଲେ । ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ କହିବାନୁଯାୟୀ, ଶିକ୍ଷକ ଜଣଙ୍କ ମୂର୍ତ୍ତି ଗୁଡିକୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପଚାରିଥିଲେ ଏବଂ ଉତ୍ତର ମିଳିନଥିବାରୁ ମୂର୍ତ୍ତି ଗୁଡିକୁ ଏକ ପଥର ସାହାଯ୍ୟରେ ଭାଙ୍ଗିଦେଇଥିଲେ । ଏହି ଘଟଣା ସାମ୍ନାକୁ ଆସିବା ପରେ ଗତକାଲି ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ଓ ଅନ୍ୟାନ୍ୟ ସଂଗଠନ ଏହି ଘଟଣାରେ ପ୍ରଧାନ ଶିକ୍ଷକ କୋଲା ବାମନମୂର୍ତ୍ତି ଓ ମଦୁଆ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ । ଏନେଇ ଅମ୍ବାଦଳା ଥାନାରେ ଲିଖିତ ଅଭିଯୋଗ ମଧ୍ୟ ହୋଇଥିଲା । ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ପଚାରିବାରୁ ଜିଲ୍ଲାପାଳ ଘଟଣାକୁ ନେଇ ରିପୋର୍ଟ ମାଗିଥିଲେ ଏବଂ ଜିଲ୍ଲାପାଳଙ୍କ ନିଷ୍ପତ୍ତି ଅନୁଯାୟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଆମ୍ବାଦଳା ପୁଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୯,୧୯୬(୨)୩୫୩(୩) ଓ ଓଡିଶା ଫ୍ରିଡମ ଅଫ ରିଲିଜିୟନ ଆକ୍ଟ ୧୯୬୭ ଧାରା ୪ରେ ମାମଲା ରୁଜୁ କରି ସଂପୃକ୍ତ ଶିକ୍ଷକ ବିରୋଧରେ ତଦନ୍ତ କରୁଥିବା ଜଣାପଡିଛି ।

## ଦ୍ୱିତୀୟ ଦିନରେ ଉପଖଣ୍ଡସ୍ତରୀୟ କୃଷି ଯାନ୍ତ୍ରିକ ଉପକରଣ ମେଳା

ଜୟପୁର,୧୭।୧(ସମିସ): ଜୟପୁରର ଦଶହରା ପଡ଼ିଆ ଠାରେ ଉପଖଣ୍ଡସ୍ତରୀୟ କୃଷି ଯାନ୍ତ୍ରିକ ଉପକରଣ ମେଳାର ଆଜି ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ ଯୋଗଦେଇ କୋଟପାଡ଼ ବ୍ଲକର ନୂତନ ଟ୍ରାକ୍ଟର ବୁକିଙ୍ଗ କରିଥିବା ମହିଳା ଚାଷୀ ସମ୍ବାରୀ ବାଙ୍କେୟାକୁ ଟ୍ରାକ୍ଟର ଚାବି ପ୍ରଦାନ କରିଥିଲେ । ଏହି ଅବସରରେ କୃଷି ଏବଂ ଆନୁସଙ୍ଗିକ ବିଭାଗରୁ ୬ ଜଣ ପ୍ରଗତିଶୀଳ ଚାଷୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ପ୍ରଶିକ୍ଷଣ ଶିବିରରେ ଚାଷୀମାନଙ୍କୁ ବିଭିନ୍ନ ଯୋଜନା ଏବଂ ଯନ୍ତ୍ରପାତି ପରିଚାଳନା ନେଇ ଅବଗତ ଓ ତାଲିମ ପ୍ରଦାନ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା, କୋରାପୁଟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ପଢିହାରୀ ଏବଂ ଜୟପୁର ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଉପଖଣ୍ଡ ପଶୁଧନ ଚିକିତ୍ସାଧିକାରୀ ଡା.ବିଶ୍ୱଜିତ୍ ରାୟ, ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ସଞ୍ଜିବ କୁମାର ମହନ୍ତ, ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶିକା ସୁମନ ରାଉତ, ସମବାୟ ବିଭାଗର ଉପସହାୟକ ଶିଶିରକାନ୍ତ ଦାଶ ପ୍ରମୁଖ ଯୋଗଦାନ କରିଥିଲେ ।



## ଅଜଣା ଗାଡି ଧକ୍କାରେ ଜଣେ ମୃତ

ଜୟପୁର,୧୭ ।୧(ସମିସ): ଆଜି ଭୋରରୁ ଶୌଚ ପାଇଁ ୨୬ ନମ୍ବର ଜାତୀୟ ରାଜପଥ ପାର ହେଉଥିବା ବେଳେ କୌଣସି ଅଜଣାଗାଡି ଧକ୍କାରେ ଜୟପୁର ସଦରଥାନା ରତ୍ନାକରଗୁଡା ଗ୍ରାମର ପର୍ଶୁରାମ ସାହୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ନେଇ ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଛି । ଅଜଣାଗାଡି ଧକ୍କାରେ ସେ ରାସ୍ତାରେ ଛିଟିକି ପଡିବାରୁ ତାଙ୍କ ମୁଣ୍ଡର ଗଭୀର ଆଘାତ ଲାଗିବା ସହିତ ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ସକାଳେ ପରିବାର ଲୋକେ ରାସ୍ତା ଉପରେ ତାଙ୍କର ମୃତଦେହ ପଡିଥିବା ଦେଖି ସଦରଥାନାରେ ଅଭିଯୋଗ କରିଥିଲେ । ତାଙ୍କ ମୃତ ଶରୀରକୁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକରଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ଅତିରିକ୍ତ ଉପଜିଲ୍ଲାପାଳ ଶରତ ମାଝୀଙ୍କ ଦାୟିତ୍ୱ ଗ୍ରହଣ



ନବରଙ୍ଗପୁର,୧୭।୧(ସମିସ): ନବରଙ୍ଗପୁର ଜିଲ୍ଲାର ନୂତନ ଅତିରିକ୍ତ ଉପଜିଲ୍ଲାପାଳ ଭାବେ ଶରତ ମାଝୀ ଦାୟିତ୍ୱ ଗ୍ରହଣ କରିଛନ୍ତି । କାର୍ଯ୍ୟଭାର ଗ୍ରହଣ ପୂର୍ବରୁ ସେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାୟିତ୍ୱରେ ଥିଲେ । ଜଣେ ମେଳାପି, ଜନ ସମ୍ପର୍କମୟ ଓ କର୍ମଠ ଅଫିସର ଭାବେ ଶ୍ରୀ ମାଝୀ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ । ତାଙ୍କର କାର୍ଯ୍ୟକାଳରେ ଡାବୁଗାଁ ବ୍ଲକରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ସଫଳତାର ସହ ରୂପାୟଣ ହୋଇ ଅନେକ ରାଜ୍ୟ ଓ ଜିଲ୍ଲାସ୍ତରୀୟ ସମ୍ମାନ ଅର୍ଜନ କରିଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ନୂତନ ଦାୟିତ୍ୱରେ ଶ୍ରୀ ମାଝୀଙ୍କ ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ନବରଙ୍ଗପୁର ଜିଲ୍ଲା ପ୍ରଶାସନକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ କରାଯାଉଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋଷାଗୁମୁଡା,୧୭।୧(ସମିସ): କୋଷାଗୁମୁଡା ଥାନା ଅନ୍ତର୍ଗତ ଟେମ୍ରା ଗ୍ରାମର ନଦୀ କୂଳରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତକ ଟେମ୍ରା ଗ୍ରାମର ଚୈତନ୍ୟ ଭତ୍ରାଙ୍କ ୨୨ବର୍ଷୀୟ ପୁଅ ଖଗେଶ୍ୱର ବୋଲି ଜଣାପଡ଼ିଛି । ଆଜି ସକାଳେ ଟେମ୍ରା ର କିଛି ଲୋକ ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ଯୁବକ ଗଛରେ ଫାଶୀ ଲଗାଇଥିବା ଦେଖିବାକୁ ପାଇଥିଲେ । ଯୁବକଙ୍କ ବାପା ଚୈତନ୍ୟ ଭତ୍ରା ଏନେଇ କୋଷାଗୁମୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ କୂଳଭୂଷଣ ନାୟକ ମୃତ ଯୁବକର ଶବକୁ ଉଦ୍ଧାର କରି କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଏପଟେ କୋଷାଗୁମୁଡା ଥାନାରେ ୩/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି ।

## କେନ୍ଦ୍ରୀୟ ଶ୍ରମିକ ସଂଗଠନର ଧର୍ମଘଟକୁ ସିପିଆଇର ସମର୍ଥନ

ଜୟପୁର,୧୭ ।୧ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଶ୍ରମିକ ଭବନଠାରେ ଜିଲ୍ଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ଫେବୃୟାରୀ ୧୨ ତାରିଖରେ ସର୍ବଭାରତୀୟ ଧର୍ମଘଟ ଡାକରାକୁ ସମର୍ଥନ ଜଣାଇ ଏଥିରେ ସାମିଲ ହେବାକୁ ଘୋଷଣା କରାଯାଇଛି । ବରିଷ୍ଠ ଶ୍ରମିକ ନେତା ବୁଦ୍ରା ବଡନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୧୨ ତାରିଖ ବନ୍ଦ ଡାକରା ନେଇ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାଶ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିବା ପରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି ଶ୍ରମିକ ଓ କୃଷକ, ବେକାରୀ ସମସ୍ୟା ସମାଧାନ ଏବଂ ଦରଦାମ୍ ବୃଦ୍ଧି ପ୍ରତିବାଦରେ ଦେଶର ୧୦ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଡାକରାରେ ଧର୍ମଘଟକୁ ସଫଳ କରିବା ପାଇଁ ସିପିଆଇ ଦଳ ସମସ୍ତ ପ୍ରକାର ସହାୟତା କରିବ ବୋଲି ଘୋଷଣା କରିଥିଲେ । ଆଗାମୀ ଜାନୁଆରୀ ୨୪ ରୁ ୩୧ ତାରିଖ ପର୍ଯ୍ୟନ୍ତ ଗଣ ପାଣ୍ଠି ସଂଗ୍ରହ, ଫେବୃଆରୀ ୨ ରୁ ୭ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍‌ରେ ଜନ ଦାବୀ ମାଧ୍ୟମରେ ଟାଟା ପାୱାର ଜୁଲୁମ, ପ୍ରଦୁଷଣ ନାଁ ରେ ସାଧାରଣ ଜନତାକୁ ଶୋଷଣ, ଦରଦାମ୍ ବୃଦ୍ଧି ଏବଂ ସ୍ଥାନୀୟ ସମସ୍ୟା ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଥିଲା । ଏଥିରେ ପୂର୍ବତନ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ଉତ୍କଳ ମହିଳା ସଂଘର ଦୟାମଣୀ ନାୟକଙ୍କ ସମେତ ସୁନୀତା ନାଗ, କୁମର ଜାନୀ, ବଳିଭଦ୍ର ଭୋଇ, ପବନ ମହୁରିଆ ପ୍ରମୁଖ ଆଲୋଚନା ଅଂଶ ଗ୍ରହଣ କରିଥିଲେ ।

## ଓଲଟିଲା କୁଣ୍ଡା ବୋଝେଇ ଟ୍ରକ୍; ଡ୍ରାଇଭର, ହେଲ୍ପର ଗୁରୁତର

ଉମରକୋଟ,୧୭।୧(ସମିସ): ସନ୍ଧ୍ୟାରେ ଉମରକୋଟ ସହର ନିକଟସ୍ଥ ଅଧିକାରୀଗୁଡା ନିକଟରେ ଏକ ଭୂଷା(କୁଣ୍ଡା) ବୋଝେଇ ଟ୍ରକ ଓଲଟି ଗାଡି ଚାଳକ ଓ ହେଲ୍ପର ଆହତ ହୋଇ ଉମରକୋଟ ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି । କିଛି ପ୍ରତ୍ୟକ୍ଷଦର୍ଶୀ ଠାରୁ ମିଳିଥିବା ସୂଚନା ଅନୁସାରେ ଶନିବାର ସନ୍ଧ୍ୟାରେ ଟ୍ରକ(ସିଜି୦୭ସିଜେ ୯୦୯୯ ) ଟି ଉମରକୋଟରୁ କୌଣସି ଏକ ମିଲରେ ଭୂଷା ଲୋଡ କରି ପଡ଼ୋଶୀ ଛତିଶଗଡ଼ ରାଜ୍ୟର କୋଣ୍ଡାଗାଁ ସହର ଅଭିମୁଖେ ଯାଉଥିବା ବେଳେ ଅଧିକାରିଗୁଡା ଗ୍ରାମ ପୂର୍ବରୁ ଭାରତମାଳା ରାସ୍ତା ଦେଇ ଯାଇଥିବା ଓଭର ବ୍ରିଜ ନିକଟରେ ଭାରସାମ୍ୟ ହରାଇ ଏକ ଡିଭାଇଡରରେ ପିଟି ହୋଇ ରାସ୍ତା ମଝିରେ ଓଲଟି ପଡିଥିଲା । ଏଥିରେ ଡ୍ରାଇଭର ଓ ହେଲପର ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ୨ ଗୁରୁତରଙ୍କୁ ଉମରକୋଟ ହସ୍ପିଟାଲକୁ ପଠାଇଥିଲେ । ଉମରକୋଟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଟ୍ରକ୍ ଟି ଛତିଶଗଡର ଦୁର୍ଗ ଜିଲାର ପରିବହନ ବିଭାଗ ଅଧୀନରେ ପଞ୍ଜିକରଣ ହୋଇଥିବା ଜଣାପଡ଼ିଛି । ଟ୍ରକ୍‌ରେ ଭୁଷା ଓଭର ଲୋଡ ହୋଇଥିବା ଅନୁମାନ କରାଯାଉଛି । ଦୁଇ ଆହତଙ୍କ ପରିଚୟ ମିଳିନାହିଁ ।

## ଭେଣ୍ଡିଆ ପୁଅକୁ ହରାଇ ଦୁଃଖରେ ପରିବାର

ଉମରକୋଟ,୧୭।୧(ସମିସ): ଉମରକୋଟ ସହରର ଦୁଇ ନମ୍ବର ୱାର୍ଡ ଢେପଗୁଡାର ଲକ୍ଷ୍ମୀଧର ସାମଲଙ୍କ ସାନ ପୁଅ ଶୁଭମ ସାମଲ (୨୭) କୌଣସି କାରଣରୁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଫଳରେ ଏବେ ଭେଣ୍ଡିଆ ପୁଅକୁ ହରାଇ ତାଙ୍କ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି । ସବୁଦିନ ପରି ଶୁଭମ ଆଜି ସକାଳେ ନିଜର ଚାହା ଦୋକାନ ଖୋଲିବା ପାଇଁ ଘରୁ ବାହାରିଥିଲେ । ଡିଏନକେ ଠାରେ ଥିବା ଚାହା ଦୋକାନ ଖୋଲି ଥିଲେ । ତେବେ ଅପରାହ୍ନ ରେ ଘରକୁ ଖାଇବା ପାଇଁ ଆସି ନଥିଲେ । ଅପରାହ୍ନ ୪ ଟା ସମୟରେ ୫୨ ନମ୍ବର୍ ମିକସ ଫାର୍ମ ବାଟରେ ଥିବା ଏକ କାଜୁବାଡ଼ରେ ଏକ କାଜୁ ଗଛରେ ନିଜ ଗାମୁଛାରେ ଫାଶୀ ହୋଇ ମୃତ୍ୟୁ ବରଣ କରିଥିବା ଜଣାପଡ଼ିଥିଲା । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଉମରକୋଟ ହସ୍ପିଟାଲର ଶବ ସଂରକ୍ଷିତ ଗୃହରେ ରଖିଛି । ରବିବାର ତାଙ୍କର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି । ଶୁଭମ୍ ଅବିବାହିତ ଥିବା ବେଳେ ସେ ଡିଏନକେଠାରେ ଥିବା ଗୋପବନ୍ଧୁ ଛକ ଠାରେ ଚାହା ଦୋକାନ କରିଥିଲେ ।

# ଦେବଗନ୍ଧାଣା କିଓସ୍କ ବ୍ୟାଙ୍କ୍‌ରୁ ଚୋରି

ନନ୍ଦପୁର,୧୭।୧(ସମିସ): ନନ୍ଦପୁର ଥାନା ଅନ୍ତର୍ଗତ ବନମାଳୀପୁଟ ପଞ୍ଚାୟତର ଦେବଗନ୍ଧାଣା ଗ୍ରାମର ପଞ୍ଚାୟତ ଷ୍ଟଲ୍‌ରେ ଥିବା ଏକ କିଓସ୍କ ବ୍ୟାଙ୍କ୍‌ରେ ଦୁର୍ବୃତ୍ତମାନେ



ଦୁଃସାହସିକ ଚୋରି କରିଥିବା ନେଇ ସୂଚନା ମିଳିଛି । ସୂଚନାନୁଯାୟୀ, ଉକ୍ତ କିଓସ୍କ ବ୍ୟାଙ୍କ୍‌ଟି ଖୁଜେଲ ଗ୍ରାମର ରାଜ କୁମାର ଖିଲ ନାମକ ବ୍ୟକ୍ତି ଦୀର୍ଘ ଦୁଇ ବର୍ଷ ଧରି ପରିଚାଳନା କରି ଆସୁଥିଲେ । ଶୁକ୍ରବାର ରାତି ସମୟରେ ଦୁର୍ବୃତ୍ତମାନେ ପ୍ରଥମେ ଦୋକାନର ସଟର ଖୋଲିବାକୁ ଚେଷ୍ଟା କରି ବିଫଳ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଦୋକାନର କାନ୍ଥ କଣାକରି ଭିତରକୁ ପ୍ରବେଶ କରି କିଛି ଜନ୍ତାସ ସହ ଟଙ୍କା ଚୋରି କରି ନେଇ ଯାଇଥିବା ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ରାଜ କୁମାର ଖିଲ ନନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଦୋକାନ ଭିତରୁ କଣ କଣ ଚୋରି ଯାଇଛି, ତାହା ପୁଲିସ ଉପସ୍ଥିତିରେ ସଟର ଖୋଲିବା ପରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି । କଓସ୍କ ମାଲିକଙ୍କ କହିବା ଅନୁଯାୟୀ, ଦୁର୍ବୃତ୍ତମାନେ ପୂର୍ବଦିନ ମଧ୍ୟ ସଟର ଖୋଲିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ସେହି କ୍ରମରେ ଦ୍ୱିତୀୟ ଦିନ ପୁଣି ଚାବି ଭାଙ୍ଗି ସଟର ଖୋଲିବାରେ ବିଫଳ ହେବା ପରେ କାନ୍ଥ ଖୋଳି ଚୋରି କରାଯାଇଛି । ଏହି ଘଟଣା ପରେ ଅଞ୍ଚଳରେ ଆତଙ୍କିତ ହୋଇଛନ୍ତି । ଘଟଣାର ତଦନ୍ତ କରି ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ପୁଲିସ୍ ତଦନ୍ତ ଆରମ୍ଭ କରିବା ସହ ସମ୍ପୃକ୍ତ କିଓସ୍କ ପରିଚାଳକକୁ ହଇରାଣ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଦୁର୍ବୃତ୍ତଙ୍କ ଏହା କାର୍ଯ୍ୟ ହୋଇଥାଏ ପାରେ ବୋଲି ପୁଲିସ ସନ୍ଦେହ କରୁଛି ।

## ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ



ଖଇରପୁଟ,୧୭।୧(ସମିସ ): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପିଏମଶ୍ରୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଶନୀ, ମୁଖ୍ୟବକ୍ତା ଭାବେ ସମ୍ବାଦ ପ୍ରତିନିଧି କୈଳାଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଶ୍ରୀନବାସ ମୁଦୁଲି, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଅଚାରୀ, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ, ଏମ୍‌ପି ପ୍ରତିନିଧି ସିଦ୍ଧାର୍ଥଶଙ୍କର ରଥ, ବିଧାୟକ ପ୍ରତିନିଧି ଧନୁର୍ଜୟ ଖରା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୀରେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ । ଦିଲ୍ଲୀପ କୁମାର ଗଣ୍ଡ ସଭାପତିତ୍ୱ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ରୂପେ ପାଙ୍ଗାମ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରତାପ କୁମାର ରାୟ ଯୋଗଦେଇ ପୂର୍ବତନ ଶିକ୍ଷା ପଦ୍ଧତି ଓ ନୂତନ ଶିକ୍ଷା ନୀତି ଓଡିଶା ଭିଜନ ୧୯୩୬ ଓ ନୂତନ ଭାରତ ୧୯୪୭ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଛାତ୍ରଛାତ୍ରୀମାନଙ୍କୁ ନୂତନ ଭାରତ ନିର୍ମାଣର ଅଂଶ ହେବାକୁ ପରାମର୍ଶ ଦେଇଥିଲେ । ଅତିଥିମାନ ପିଏମ୍ ଶ୍ରୀ ମେଳାରେ ଲଗା ଯାଇଥିବା ଷ୍ଟାଲ ଗୁଡିକ ବୁଲି ଦେଖିଥିଲେ । ପରେ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା ବିରତି ପରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଧ୍ୟକ୍ଷ ଅଶୋକ କୁମାର ସ୍ୱର୍ଣ୍ଣକାର ଓ ପ୍ରଧାନ ଶିକ୍ଷକ ମିଥୁନ ମହାଜନ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।

## ୩୦୦୦ ଗଞ୍ଜେଇ ଗଛ ନଷ୍ଟ କଲା ପୁଲିସ

ଗୁଡାରି,୧୭।୧(ସମିସ): ଗୁଣୁପୁର ଏସ୍‌ଡିପିଓ ବାବୁଲି ନାୟକ ଏବଂ ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି । ପଦ୍ମପୁର ବ୍ଲକ ଡ଼େରିଙ୍ଗା ଗ୍ରାମ ପଞ୍ଚାୟତର ମୁତୁକୁଣି ଗ୍ରାମ ନିକଟରେ ବେଆଇନ ଭାବେ କରାଯାଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି । ଏଥିରେ ପ୍ରାୟ ୩୦୦୦ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି । ଚାଷ କରାଯାଇଥିବା ବେଆଇନ ଗଞ୍ଜେଇ ଗଛକୁ ମିଳିତ ଭାବେ ଗୁଡାରି ପୋଲିସ, ଅବକାରୀ ବିଭାଗ, ବନ ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି । ସମସ୍ତ ଗଞ୍ଜେଇ ଗଛକୁ ନିଆଁ ଲଗାଇ ନଷ୍ଟ କରାଯାଇଥିବା ସୂଚନା ମିଳିଛି । ଏହି ସଂକ୍ରାନ୍ତରେ ଗୁଡାରି ପୋଲିସ ଥାନାରେ ୧୧/୨୦୨୬ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଶ୍ରୀମତୀ ସ୍ୱାଇଁ ସୂଚନା ଦେଇଛନ୍ତି ।



# ମା’ ମଝିଘରିଆଣୀଙ୍କୁ ଦର୍ଶନ କଲେ ଆନ୍ଧ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ



ରାୟଗଡ଼ା,୧୭।୧(ସମିସ): ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀଙ୍କ ଦର୍ଶନ କରିଛନ୍ତି ପଡୋଶୀ ଆନ୍ଧ୍ର ପ୍ରଦେଶର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଗୁମ୍ମାଡି ସନ୍ଧ୍ୟାରାଣୀ। ସେ ଏନେଇ ଦିନିକିଆ ରାୟଗଡ଼ା ଗସ୍ତରେ ଆସିଥିଲେ। ଆଜି ସକାଳେ ସେ ମା’ ମଝିଘରିଆଣୀ ମନ୍ଦିରକୁ ଯାଇ ମା’ଙ୍କ ଦର୍ଶନ କରିଥିଲେ। ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାରେ ମା’ ମଝିଘରିଆଣୀଙ୍କ ବହୁ ସଂଖ୍ୟାରେ ଭକ୍ତ ଥିବା ବେଳେ ଉକ୍ତ ଦୁଇ ରାଜ୍ୟରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ରାୟଗଡ଼ାକୁ ଆସୁଥିବାରୁ ମନ୍ଦିର ପରିଚାଳନା କମିଟି ତଥା ସ୍ଥାନୀୟ ପ୍ରଶାସନ ସେମାନଙ୍କ ଦର୍ଶନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ପାଇଁ ଶ୍ରୀମତି ସନ୍ଧ୍ୟାରାଣୀ ଅନୁରୋଧ କରିଥିଲେ। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିର ରୂପାନ୍ତର କାର୍ଯ୍ୟ ଜାରି ରହିଥିବା କହିବା ସହ ସମସ୍ତ ଶ୍ରଦ୍ଧାଳୁଙ୍କ ନିମନ୍ତେ ମନ୍ଦିରରେ ମା’ଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ, ମୁଣ୍ଡନ ଆଦି ବ୍ୟବସ୍ଥା ପରିଚାଳନା ହେଉଥିବା ବିଷୟରେ ଅବଗତ କରାଯାଇଥିଲା। ମନ୍ତ୍ରୀ ଶ୍ରୀମତି ସନ୍ଧ୍ୟାରାଣୀଙ୍କ ଏହି ଗସ୍ତ ସମୟରେ ରାୟଗଡା ବିଜେପିର ବରିଷ୍ଠ ନେତା ୟାଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ) ଓ ଅନ୍ୟମାନେ ଉପସ୍ଥିତ ରହି ମଝିଘରିଆଣୀଙ୍କ ଫୋଟେ ସ୍ମୃତିସ୍ମାରକୀ ଭାବେ ପ୍ରଦାନ କରିଥିଲେ। ଏହି ସମୟରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ପି.ବାସୁ, ଆକାଉଣ୍ଟାଣ୍ଟ ଭେଙ୍କେଟ ରାଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଫେବୃଆରୀରେ ମାଟ୍ରିକ୍ ପରୀକ୍ଷା

# ହାଇସ୍କୁଲସ୍ତରରେ ଖାଲି ପଡିଛି ବହୁ ଶିକ୍ଷକ ପଦବୀ

ରାୟଗଡ଼ା,୧୭।୧(ସମିସ): ଆସନ୍ତା ଫେବୃଆରୀ ମାସ ୧୭ ତାରିଖରୁ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ଜିଲ୍ଲାର ୧୩୫ ଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନେକ ଶିକ୍ଷକ ପଦବୀ ଖାଲି ପଡିଛି। ଫଳରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ କିଭଳି ପାଠପଢ଼ା ବ୍ୟବସ୍ଥା କରାଯାଉଥିବ ତାହା କାର୍ଯ୍ୟରତ ଶିକ୍ଷକଙ୍କ ପରିସଂଖ୍ୟାନରୁ ଆପେ ବାରି ହୋଇଯାଉଛି । ସେହିପରି ଜିଲ୍ଲାର ୧୧ଗୋଟି ବ୍ଲକରେ ୧୭ଜଣ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ଏବଂ ୬ଟି ବ୍ଲକ ଶିକ୍ଷାଧିକାରୀ ପଦବୀ ଦୀର୍ଘ ଦିନ ଧରି ଖାଲି ପଡିଛି। ଅନେକ ବ୍ଲକ ବିଇଓ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ବେଳେ ସେମାନଙ୍କ ମୂଳ ଦାୟିତ୍ୱ ପୂରଣ କରିବାରେ ସେମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ଶିକ୍ଷକ ମହଲରେ ଆଲୋଚନା ହେଉଛି। ଗତବର୍ଷ ରାୟଗଡ଼ା ଜିଲ୍ଲାରେ ମାଟ୍ରିକ ଏ୧ ଗ୍ରେଡ ନୈରାଶ୍ୟଜନକ ରହିଥିବା ବେଳେ ୯୮୩୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ମାତ୍ର ୩ ଜଣ ଏ୧ ଗ୍ରେଡରେ ଉତ୍ତିର୍ଣ୍ଣ ହୋଇଥିଲେ। ଯାହାକୁ ନେଇ ଜିଲ୍ଲାରେ ହାଇସ୍କୁଲସ୍ତରରେ ଶିକ୍ଷଣ ଫଳାଫଳର ବୃଦ୍ଧି କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ଶିକ୍ଷାଦାନ କାର୍ଯ୍ୟକ୍ରମ ଏକ ପ୍ରକାର ପ୍ରହସନ ବୋଲି ଶୀର୍ଷକ ଆଲୋଚନା ବିଭିନ୍ନ ମହଲରୁ ଶୁଣିବାକୁ ମିଳିଥିଲା । ଏପରିକି ଶିକ୍ଷା ଦର୍ପଣ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ମାତ୍ରାରେ ପ୍ରଭାବଶୂନ୍ୟ ହୋଇଥିଲା। ଗତ ୨୦୨୫ ନଭେମ୍ବର ୨୫ରେ ଅନୁଷ୍ଠିତ ହୋଇଥିବା ୮୧ତମ ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ପ୍ରକାରେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ରାୟଗଡ଼ା ଜିଲ୍ଲାରେ ୧୦୫୨ଟି ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ଏଥିରେ ୩୨୨୪୮ଜଣ ଛାତ୍ରଛାତ୍ରୀ ଏବଂ ୨୩୪୮ଜଣ ଶିକ୍ଷକଙ୍କ ସଂଖ୍ୟା ରହିଛି। ସେହିପରି ୪୮୭ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୯୫୧୫ଜଣ ଛାତ୍ରଛାତ୍ରୀ ଓ ୧୯୨୨ଜଣ ଶିକ୍ଷକ ରହିଥିବା ବେଳେ ୧୨୯ଗୋଟି ମାଧ୍ୟମିକ ବିଦ୍ୟାଳୟରେ ୩୨୭୯୪ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୨୬୮ଜଣ ଶିକ୍ଷକଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ସେହିପରି ୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୪୮୭୦ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ୯୯ଜଣ ଶିକ୍ଷକଙ୍କ ସଂଖ୍ୟା ରହିଛି। କିନ୍ତୁ ୧୩୫ ଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟର ମଂଜୁରୀ ପ୍ରାପ୍ତ ଶିକ୍ଷକ ଏବଂ କାର୍ଯ୍ୟରତ ଶିକ୍ଷକଙ୍କ ପରିସଂଖ୍ୟାନକୁ ଯଦି ଅନୁମାନ କରାଯାଏ

### ପୂରଣ ହୋଇନି ୬ ବିଇଓ, ୧୭ ସହକାରୀ ବିଇଓ ପଦବୀ

ତେବେ ଆସନ୍ତା ଫେବୃଆରୀ ମାସରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ପରୀକ୍ଷା ପାଇଁ ବିଦ୍ୟାଳୟରେ କିଭଳି ଭାବେ ପ୍ରସ୍ତୁତ ହେଉଥିବେ ତାହା ପଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ଶିକ୍ଷା ବିଭାଗ ତଥ୍ୟ ପ୍ରକାରେ ବରିଷ୍ଠ ଏସଇଏସ୍ ପ୍ରଧାନଶିକ୍ଷକଙ୍କ ମଂଜୁରୀ ପଦବୀ ୧୨୯ଟି ରହିଥିବା ବେଳେ ଏଥିମଧ୍ୟରୁ ୨୯ ଜଣ କାର୍ଯ୍ୟରତ ଏବଂ ୧୦୦ଟି ପଦବୀ ଖାଲି ପଡିଛି। ସେହିପରି ବିଜ୍ଞାନ ଶିକ୍ଷକ (ପିସିଏମ) ୧୫୬ଟି ମଧ୍ୟରୁ ୬ଟି ଖାଲି ପଡିଥିବା ବେଳେ ବିଜ୍ଞାନ ଶିକ୍ଷକ (ସିବିଜେଡ୍)୧୫୧ଗୋଟି ମଧ୍ୟରୁ ୮୮ଜଣ ଶିକ୍ଷକ ଥିବା ବେଳେ ୬୩ଗୋଟି ପଦବୀ ଖାଲି ପଡିଛି। ସେହିପରି କଳା ଶିକ୍ଷକ (ଟିଜିଟି ଆର୍ଟସ)୩୦୧ ମଂଜୁରୀ ପ୍ରାପ୍ତ ଶିକ୍ଷକ ପଦବୀରୁ ୨୨୮ଜଣ କାର୍ଯ୍ୟରତ ଶିକ୍ଷକ ରହିଥିବା ବେଳେ ୭୩ଟି ଖାଲି ପଡିଛି। ସଂସ୍କୃତ ଶିକ୍ଷକ ୧୩୭ଟି ପଦବୀରୁ ୧୦୯ଜଣ କାର୍ଯ୍ୟରତ ଥିବା ବେଳେ ୨୮ଟି ଖାଲି ପଡିଛି । ହିନ୍ଦୀ ଶିକ୍ଷକ ୧୩୫ ଜଣଙ୍କ ମଧ୍ୟରୁ ୯୫ଜଣ କାର୍ଯ୍ୟରତ ଥିବା ବେଳେ ୪୦ଟି ପଦବୀ ଖାଲି ପଡିଛି। ଫଳରେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ କିଭଳି ପ୍ରସ୍ତୁତ ହେଉଥିବେ ତାହା ଆପେ ଅନୁମେୟ। ଚଳିତ ବର୍ଷ ଜିଲ୍ଲାରେ ଏ ଗ୍ରେଡ୍ ସ୍ତରରେ ଅଧିକା ଫଳାଫଳ ମିଳିବ ନା ନାହିଁ ତାହାକୁ ନେଇ ଆଶା ଆଶଙ୍କା ଦେଖାଦେଇଥିବା ବେଳେ ବର୍ତ୍ତମାନ ଜିଲ୍ଲାରେ ୧୨୫୩୮ଜଣ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡିଥିବା ଏବଂ ୫୩୮୬ଜଣ ଛାତ୍ରଛାତ୍ରୀ ଆଦୌ ବିଦ୍ୟାଳୟ ଯାଇ ନ ଥିବାରୁ ସର୍ବମୋଟ ୧୭୯୨୪ଜଣ ଛାତ୍ରଛାତ୍ରୀ ଶିକ୍ଷାଗତ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାର ୧୧ଗୋଟି ବ୍ଲକରେ ୧୧ଜଣ ବ୍ଲକ ଶିକ୍ଷାଧିକାରୀ ଓ ୩୩ଜଣ ସହକାରୀ ଶିକ୍ଷାଧିକାରୀ ପଦବୀ ମଧ୍ୟରେ ରାୟଗଡ଼ା, କଲ୍ୟାଣସିଂପୁର, ଗୁଣପୁର, ପଦ୍ମପୁର, ବିଷମକଟକ, ମୁନିଗୁଡା ଭଳି ୬ ଗୋଟି ବ୍ଲକରେ ବ୍ଲକ ଶିକ୍ଷାଧିକାରୀ ପଦବୀ ଖାଲି ପଡିଥିବା ବେଳେ ଗୁଣପୁର ବ୍ଲକରେ ୩ଜଣ ସହକାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ବାଦ ଦେଲେ ବଳକା ୧୦ଟି ବ୍ଲକରେ ଜଣେ କି ଦୁଇ ଜଣ ଲେଖାଏଁ ୧୭ଟି ସହକାରୀ ବ୍ଲକ ଶିକ୍ଷାଧିକାରୀ ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଛି। ଫଳରେ ବ୍ଲକଗୁଡିକରେ ଅନେକ ଶିକ୍ଷା ଯୋଜନା କାର୍ଯ୍ୟକାରୀ ହେବାରେ ତଥା ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ତ୍ୱରିତ ସମାଧାନ ହୋଇ ପାରୁନାହିଁ। ପଡୋଶୀ ନବରଙ୍ଗପୁର ଜିଲ୍ଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରହୁଥିଲେ ହେଁ ରାୟଗଡ଼ା ଜିଲ୍ଲାର ଶିକ୍ଷକ ଅଭାବ ସମସ୍ୟା ପୂରଣ କରିବା ଦିଗରେ କେବେ ପଦକ୍ଷେପ ଗ୍ରହଣ କରିବେ ସେନେଇ ଶିକ୍ଷକ, ଅଭିଭାବକ ଓ ସାଧାରଣରେ ଆଲୋଚନା ଜୋର ଧରିଛି ।

## ମଙ୍ଗଳା ଦିବାକା ଚନ୍ଦ୍ରପୁର ବିଜେଡ଼ି ବ୍ଲକ୍ ସଭାପତି

ଚନ୍ଦ୍ରପୁର,୧୭।୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ବିଜେଡ଼ି ସଭାପତି ଭାବେ ମଙ୍ଗଳା ଦିବାକାଙ୍କୁ ରାଜ୍ୟ ବିଜୁ ଜନତା ଦଳର ସଭାପତି ନବୀନ



ପଟ୍ଟନାୟକ ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥି ପୂର୍ବରୁ ସେ ବିଜେଡ଼ିର ଜଣେ ଟାଣୁଆ ସକ୍ରିୟ କର୍ମୀ ରହିବା ସହ ଦୁଇଥର ସରପଞ୍ଚ ହୋଇ ଥିଲେ। ତାଙ୍କୁ ବ୍ଲକ୍ ସଭାପତି କରିଥିବାରୁ ବ୍ଲକ୍ ଅଧ୍ୟକ୍ଷ କୋଇନ କିମ୍ବାକା, ପୂର୍ବତନ ବ୍ଲକ ସଭାପତି ସୁଜିତ କୁମାର ବ୍ରେଡେକା, ପ୍ରମୋଦ ସାହୁକାର, ଚନ୍ଦ୍ରପୁର ସରପଞ୍ଚ ରଞ୍ଜିତା ବ୍ରେକବେଡ଼ା, ହାଡ଼ିବନ୍ଧୁ ବ୍ରେକବେଡ଼ା, ବିଜୟ ବିଭାର, ମିଟୁ ପ୍ରଧାନୀ, ସୁରେନ୍ଦ୍ର ବିଡିକା, ଅନିଲ କୁମାର ସାହାଣୀ, ରଣେଶ୍ୱର୍ ଦିବାକା ଓ ସମର୍ଥକ ଖୁସି ବ୍ୟକ୍ତ କରିବା ସହ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଡକ ଦୁର୍ଘଟଣାରେ ରେଞ୍ଜର ମୃତ; ଜନ୍ମମାଟିରେ ଶେଷ କୃତ୍ୟ ସମ୍ପର୍ଣ୍ଣ



କଲ୍ୟାଣସିଂହପୁର/ରାମନାଗୁଡ଼ା,୧୭।୧(ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ରେଞ୍ଜର ଚନ୍ଦନ ଗମାଙ୍ଗଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁରେ କଲ୍ୟାଣସିଂହପୁର ବ୍ଲକରେ ଶୋକର ଛାୟା ଖେଳିଯାଇଛି। ମୃତ ଗମାଙ୍ଗଙ୍କ ଶବ ବ୍ୟବଚ୍ଛେଦ କରାଯିବା ପରେ ନିଜଗ୍ରାମ ରାମନାଗୁଡା ବ୍ଲକ କୁଜେନ୍ଦ୍ରୀ ପଞ୍ଚାୟତର ମଝିଗୁଡ଼ା ଗ୍ରାମରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଛି। କଲ୍ୟାଣସିଂହପୁର ଠାରୁ ରାୟଗଡାକୁ ନିଜ ଗାଡ଼ିରେ ରାତ୍ର ପ୍ରାୟ ଆଠଟା ସମୟରେ ଯାଉଥିବାବେଳେ କଲୋନରା ବ୍ଲକ୍ ଗାଡ଼ିସେଶଖାଲ ପଞ୍ଚାୟତର ରାମପୁର ନିକଟ ବୁଲାଣିରେ ଗଛକୁ ପିଟି ହୋଇଥିଲେ। ପୁଲିସ ପହଞ୍ଚି ଗୁରୁତର ଗମାଙ୍ଗଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପରିବାରର ସ୍ତ୍ରୀ ଓ ୧୫ମାସର ଶିଶୁ ସନ୍ତାନ ସହ ବନବିଭାଗର ଡିଏଫଓ ସଚିନ ଆନାସାହେବ, ଏସିଏଫ ଅଶୋକ କୁମାର ପ୍ରଧାନ, ରାୟଗଡା ରେଞ୍ଜର କମେଶ୍ୱର ଆଚାରି, କଲ୍ୟାଣସିଂହପୁର ବନପାଳ ପ୍ରଦୀପ କୁମାର ଜେନା, ଭଗବାନ ଶାରାକା ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ଶବସତ୍କାର ସମୟରେ ବିଭାଗ ପକ୍ଷରୁ ୧୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ତାଙ୍କର ଯାହା ପ୍ରାପ୍ୟ ରହିଛି ଯୋଗାଇଦିଆଯିବ ବୋଲି ଏସିଏଫ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

### ● ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ମାଲକାନଗିରି ଗସ୍ତ

## ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର କଲେ ସମୀକ୍ଷା



ମାଲକାନଗିରି,୧୭।୧(ସମିସ): ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି ଶ୍ରୀମତୀ ପାଢ଼ୀ। ପ୍ରମୁଖ ଶାସନ ସଚିବ ବିଭାଗରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ ପହଞ୍ଚିବା ପରେ ସର୍ବ ପ୍ରଥମେ ଗୋବିନ୍ଦପାଲି ଗସ୍ତ କରି ବସ୍ ଷ୍ଟାଣ୍ଡର ସ୍ଥିତି ସମୀକ୍ଷା କରିଥିଲେ। ତତ୍‌ପରେ ମାଥିଲି ସ୍ଥିତ ନୂତନ ଭାବେ ନିର୍ମାଣଧିନ ବସ୍‌ଷ୍ଟାଣ୍ଡ ମଧ୍ୟ ବୁଲି ଦେଖିଛନ୍ତି ପ୍ରମୁଖ ଶାସନ ସଚିବ। ମାଲକାନଗିରି ପହଞ୍ଚିବା ପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗସ୍ତ କରି ଅଧିକାରୀଙ୍କ ସହ ଆଲୋଚନା କରିବା ସହ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ପରେ ପୌର ପରିଷଦ ମାଲକାନଗିରିର ନୂତନ ଭାବେ ନିର୍ମିତ ହେଉଥିବା କୋଠା ବୁଲି ଦେଖିଛନ୍ତି। ସେହିପରି ପୌର ପରିଷଦର ଏମଭି ୪୨ ସ୍ଥିତ ଜବରଦସ୍ତି କଲୋନୀରେ ସ୍ୱଚ୍ଛ ଭାରତ ଅଧୀନରେ କାର୍ଯ୍ୟ କରୁଥିବା କମ୍ପୋଷ୍ଟ ସେଣ୍ଟର୍‌ଠାରେ କାର୍ଯ୍ୟରତ ସ୍ୱଚ୍ଛ କର୍ମଚାରୀଙ୍କ ସହ କଥା ହୋଇଛନ୍ତି ଶ୍ରୀମତୀ ପାଢ଼ୀ। ସ୍ୱଚ୍ଛ କର୍ମଚାରୀଙ୍କ କଣ ସବୁ ସମସ୍ୟା ରହିଛି, ସେମାନଙ୍କର ଜୀବନ ଜୀବିକାରେ କିଭଳି ଉନ୍ନତି ହୋଇପାରିବ ସେଥି ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିବି ଗୁଡା ଟ୍ୟାଙ୍କ ପରିଦର୍ଶନ କରି ଜଳ ସଂରକ୍ଷଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପୌର ପରିଷଦର ଅଧିକାରୀ ଏଥି ନିମନ୍ତେ ୨ କୋଟି ଟଙ୍କାର ଆର୍ଥିକ ପାଣ୍ଠି ଆବଶ୍ୟକତା ରହିଛି ବୋଲି ସଚିବଙ୍କୁ ଅବଗତ କରାଇଥିଲେ। ତୁରନ୍ତ ଡିପିଆର ପ୍ରସ୍ତୁତ କରି ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଇବାକୁ ନିର୍ଦ୍ଦେଶ ଦେବା ସହ ପାଣ୍ଠି ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ପ୍ରମୁଖ ଶାସନ ସଚିବ। ସେ ସହରରେ ନିର୍ମାଣ ଚାଲିଥିବା ବସ୍ ଷ୍ଟାଣ୍ଡ କାର୍ଯ୍ୟର ଅଗ୍ରଗତିର ମଧ୍ୟ ତଦାରଖ କରିଥିଲେ। ବସ୍ ଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ର ପରିଦର୍ଶନରେ ଯାଇ ଲୋକଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେହିପରି ଏୟାରଷ୍ଟ୍ରିପ ପରିଦର୍ଶନରେ ଯାଇ ରାସ୍ତା ଓ କୋଠାବାଡ଼ି ବିଭାଗ ଯନ୍ତ୍ରୀଙ୍କ ସହ ଏହାର ସ୍ଥିତି ଓ ରହିଥିବା ସମସ୍ୟା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କିଭଳି ଶୀଘ୍ର ଏୟାର ଷ୍ଟ୍ରିପ କାର୍ଯ୍ୟକ୍ଷମ ହେ. ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ପୌର ପରିଷଦ ଦ୍ୱାରା ପରିଚାଳିତ ଆଦର୍ଶ ଶ୍ମଶାନ ଗସ୍ତ କରି ଏହାର ରକ୍ଷଣାବେକ୍ଷଣ ବୁଲି ଦେଖିଥିଲେ। ଏହି ଗସ୍ତରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ତେଲୁଗୁ ସମାଜର ‘ପୋଙ୍ଗଲ’ ଉଦ୍‌ଯାପିତ

ମାଥିଲି,୧୭।୧(ସମିସ): ତେଲୁଗୁ ସମାଜ ପକ୍ଷରୁ ତିନି ଦିନ ଚାଲିଥିବା ପୋଙ୍ଗଲ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏହି ପର୍ବ ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ତିନି ଧରି ଚାଲିଥିଲା। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଓ ଆଖପାଖ ଅଞ୍ଚଳରେ ତେଲୁଗୁ ଲୋକମାନେ ଏଥିରେ ଯୋଗଦେଇଥିଲେ। ବଣିକ ମହାସଂଘର ସଭାପତି ଶ୍ରୀକାନ୍ତ ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ମୁଖ୍ୟଅତିଥି ଭାବରେ ଉମରକୋଟ ଏନଏସି ଅଧିକାରୀ ଆଲୋକ ଅନୁଗୁଳିଆ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଶମ୍ଭୁ ଅନୁଗୁଳିଆ ଯୋଗ ଦେଇଥିଲେ। ଉଦ୍‌ଘାଟନ କରିବା ପରେ ଦୀର୍ଘ ତିନି ରାତ୍ରି ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ବେଶ ଉପଭୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିବା ବେଳେ ବି.ନୌକା ରାଜୁ, ପିଭି ଗଣେଶ, ଏମ.ବାଲ ରାଜୁ, ମଣିକୁମାର, ଚିନା ସମସ୍ତ ପ୍ରକାର ସହଯୋଗ କରିଥିଲେ।

### ● ରୟତ କଲୋନୀରେ ସୁଧୁରୁନି ଡ୍ରେନେଜ ସମସ୍ୟା

## ସମାଧାନ ନେଇ ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ସାହିବାସିନ୍ଦା

ରାୟଗଡ଼ା,୧୭।୧(ସମିସ): ରାୟଗଡ଼ା ପୌର ପରିଷଦ ଅନ୍ତର୍ଗତ ରୟତ କଲୋନୀର ନବମ ସାହିରେ ଦୀର୍ଘ ଦିନରୁ ଡ୍ରେନ ସମସ୍ୟା ଲାଗି ରହିଥିବା ବେଳେ ଏହାର ସମାଧାନ ପାଇଁ ସାହିବାସୀନ୍ଦା ଶନିବାର ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟିଛନ୍ତି। ଡ୍ରେନେଜ ସମସ୍ୟା ଯୋଗୁଁ ସାହିବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିରେ ଡ୍ରେନ୍ ପାଣି ନିଷ୍କାସନ ପାଇଁ ସୁବିଧା ନ ଥିବାରୁ ରାସ୍ତା ଉପରେ ଅଳିଆ ଅପରିଷ୍କାର ପାଣି ଭାସୁଛି। ଯାହାଦ୍ୱାରା ମଶା, ମାଛି ଉପଦ୍ରବ ବଢିବା ସହ ରାସ୍ତାରେ ଯାତାୟାତ କରିବା କଷ୍ଟକର




ହୋଇପଡିଛି। ଏଥିସହ ସାହିଟି ଦୁର୍ଗନ୍ଧ ପରିବେଶରେ ଫାଟି ପଡୁଥିବା ରାୟଗଡ଼ା ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କୁ ସାକ୍ଷାତ କରି ସାହିବାସୀନ୍ଦା ଅବଗତ କରିଛନ୍ତି। ସାହି ବାସିନ୍ଦାଙ୍କ ଠାରୁ ଅଭିଯୋଗ ପାଇବା ପରେ ଅତିଶୀଘ୍ର ଡ୍ରେନ କାମ ଆରମ୍ଭ କରାଯିବ ଏବଂ କିଛି ଦିନ ଆସ୍ଥାୟୀ ଭାବେ ନାଳ ପାଣିକୁ ଛାଡିବା ପାଇଁ ରାସ୍ତା ସୁବିଧା କରିବେ ବୋଲି ପ୍ରତିଶୃତି ଦେଇଥିବା ସ୍ଥାନୀୟ ବାସିନ୍ଦା ନମୋ ଶଙ୍କର, ସାନିୟା ସୁବୁଦ୍ଧି, ଟିଟୁଆ ଜେନା, ରାମମୋହନ ରାଓ, ବୃନ୍ଦାବନ ପରିଡା, ହରିକୃଣା ଓ ନିଶାର ପ୍ରମୁଖ ପ୍ରକାଶ କରିଛନ୍ତି ।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

ମାଥିଲି,୧୭।୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଉଦୁଲିବେଡା ପଞ୍ଚାୟତଠାରେ ଥିବା ସରକାରୀ ଉନ୍ନତି ବିଦ୍ୟାଳୟରେ ପ୍ରାଧାନ ଶିକ୍ଷକ ସଂଜୀବ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପିଏମ ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମାଥିଲି ଜିଲ୍ଲା ପରିଷଦ ଜୋନ୍-୩ର ସଭ୍ୟା ସସ୍ମିତା ମାଝୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ମାଥିଲି ବ୍ଲକ ଜିଲ୍ଲା ପରିଷଦ ଜୋନ-୧ ର ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ମାଝୀ, ସମାଜିକ ଉନ୍ନୟନ ସଂସ୍ଥାର ଜିଲ୍ଲା ସମ୍ପାଦକ ରାମ ଗୋବିନ୍ଦ ପଣ୍ଡା, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମାଥିଲି ବ୍ଲକ ପ୍ରତିନିଧି ସ୍ମୃତିରଞ୍ଜନ ପାଢ଼ୀ, ସ୍ଥାନୀୟ ସମିତି ସଭ୍ୟ ପି. ରାମେଶ୍ୱର ରାଓ, ସିଆରସିସି ମନୋଜ କୁମାର ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟ ତଥା ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ମାଲକାନଗିରି ଜିଲ୍ଲା କେନ୍ଦୁପତ୍ର ବ୍ୟବସାୟୀ ସଙ୍ଘ ଗଠିତ



ମାଲକାନଗିରି,୧୭।୧(ସମିସ ): ମାଲକାନଗିରି ଜିଲ୍ଲା ସଦର ସ୍ଥିତ ସଭାଗୃହରେ ମାଲକାନଗିରି ଜିଲ୍ଲା କେନ୍ଦୁପତ୍ର ବ୍ୟବସାୟୀ ସଙ୍ଘ ଗଠିତ ହୋଇଛି। ଏଥିପାଇଁ ସମସ୍ତ ବ୍ଲକ୍‌ରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କେନ୍ଦୁପତ୍ର ବ୍ୟବସାୟୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ରୂପେ ଘନଶ୍ୟାମ ମାଡକାମୀ, ଉପସଭାପତି ରୂପେ ମୋହମ୍ମଦ ଫାରୁକ ଏବଂ ମାଣିକଲାଲ ଚକ୍ରବର୍ତ୍ତି, ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ରୂପେ ତପନ ମାଝୀଙ୍କୁ ଚୟନ କରାଯାଇଥିଲା। ବୈଠକରେ ଜିଲ୍ଲାରେ କେନ୍ଦୁପତ୍ର ବ୍ୟବସାୟକୁ ନେଇ ବିଗତ ବର୍ଷ ଗୁଡିକରେ ଉପୁଜିଥିବା ଅସୁବିଧା ସମ୍ପର୍କିତ ଆଲୋଚନା କରାଯାଇଥିଲା। ଏ ବାବଦରେ ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସରୋଜ ପ୍ରଧାନଙ୍କୁ ସାକ୍ଷାତ କରି ଜିଲ୍ଲା କେନ୍ଦୁପତ୍ର ବ୍ୟବସାୟୀ ସଙ୍ଘ ଗଠନ ସମ୍ପର୍କରେ ଅବଗତ କରାଯାଇଥିଲା।

# କେନାଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

**କାଲିମେଲା/ପଡିଆ, ୧୭।୧(ସମିସ) :** ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ପୋଟେରୁ କେନାଲ ବିଭାଗ ପକ୍ଷରୁ ନିର୍ମାଣଧିନ କେନାଲ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ନିର୍ମାଣଧିନ କାର୍ଯ୍ୟ ଗୁଡିକ ତଦାରଖ କରିବା ପାଇଁ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ଅଭାବରୁ ଏହାର ସୁଯୋଗ ନେଇ ଠିକାଦାରମାନେ ବେଧଡ଼କ ନିମ୍ନମାନର ସାମଗ୍ରୀ ବ୍ୟବହାର କରିବା ସହ ଆବଶ୍ୟକୀୟ ମୁତାବକ କ୍ୟୁରିଂ କରୁନଥିବା ନେଇ ସ୍ଥାନୀୟ ନେତୃବୃନ୍ଦ ଅଭିଯୋଗ ଆଣିଛନ୍ତି। ସୂଚନାନୁଯାୟୀ, ପଡିଆ ବ୍ଲକ ଶିମିଳିବାଞ୍ଚା ପଞ୍ଚାୟତ ଅନ୍ତର୍ଗତ ମେଟାଗୁଡା ଗ୍ରାମ ଦେଇ ଯାଇଥିବା ପୋଟେରୁ ଜଳସେଚନ ବିଭାଗର କେନାଲରୁ ଏକ ନୂତନ ଭାବେ ସବ୍ କେନାଲ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହି କେନାଲ ନିର୍ମାଣ ବେଳେ ଏହାର ଉଭୟ ପାଶ୍ୱର୍ ୱାଲରେ ଚିପ୍ସ କଂକ୍ରିଟ୍



ଦିଆଯିବାକୁ ଥିବା ବେଳେ ଏଥିରେ ମେଟାଲ୍ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏଥିସହ ଏହି ନିର୍ମାଣ କାର୍ଯ୍ୟର ତଦାରଖ ପାଇଁ ବିଭାଗୀୟ ଅଧିକାରୀମାନେ ଆସୁନଥିବାରୁ ଏହାର ସୁଯୋଗ ନେଇ ଠିକାଦାର ଜଣଙ୍କ ନିମ୍ନମାନର ବାଲି ଓ ଅନ୍ୟାନ୍ୟ ସମାଗ୍ରୀ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଏନେଇ ଜଳ ସେଚନ ବିଭାଗର କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କଲେ ମଧ୍ୟ କାହା ସହ ଯୋଗାଯୋଗ ହୋଇପାରୁ ନଥିବାରୁ ସ୍ଥାନୀୟ ନେତୃବୃନ୍ଦ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକି ଘଟଣା ବାବଦରେ ଅବଗତ କରାଇଥିଲେ। ଅନ୍ୟପଟେ ନିମ୍ନମାନର ନିର୍ମାଣ କାର୍ଯ୍ୟ ବାବଦରେ କାମ କରାଉଥିବା ସୁପରଭାଇଜରଙ୍କୁ ପଚାରିବାରୁ ସେ ଚିପ୍ସ ସହ ମେଟାଲ୍ ମିଶାଉଥିବା ସ୍ୱୀକାର

### ଠିକାଦାରଙ୍କୁ ସୁହାଉଛି ଅଧିକାରୀଙ୍କ ଅନୁପସ୍ଥିତି

କରିଛନ୍ତି। ଜଳସେଚନ ବିଭାଗ ପକ୍ଷରୁ ଘଞ୍ଚ ଜଙ୍ଗଲ ମଧ୍ୟରେ ଏଭଳି ଶହଶହ ମିଟର କେନାଲ କାମ ଚାଲିଥିବା ବେଳେ ଏଭଳି ନିମ୍ନମାନର କାର୍ଯ୍ୟ ଏକ ବଡ ଧରଣର ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ମତ ପ୍ରକାଶ ପାଇଛି। ପ୍ରାୟ ସମସ୍ତ ସ୍ଥାନରେ ଠିକାଦାରମାନେ ଏଭଳି ମନ ମୁତାବକ କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଚୁପ ହୋଇ ରହିବା ବିଭାଗୀୟ ଉଦାସୀନତାକୁ ଦର୍ଶାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ପଡିଆ ବ୍ଲକ୍‌ସଦର ମହକୁମାରେ ଥିବା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପଛପଟେ ମଧ୍ୟ ନିର୍ମାଣ ହୋଇଥିବା କେନାଲ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାର୍ଯ୍ୟ କରାଯିବା ସହ ଆବଶ୍ୟକ ମୁତାବକ କ୍ୟୁରିଂ କରାଯାଇ ନଥିବା ଅଭିଯୋଗ ହୋଇଛି। ଏ ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କାମରେ କୌଣସି ଅଭିଯୋଗ ନାହିଁ ଯିଏ ଯାହା କହିଲେ ଚଳିବ ନାହିଁ ବୋଲି ବେପାରୁଆ ଢଙ୍ଗରେ ମତ ପ୍ରଦାନ କରିଛନ୍ତି। ଉଭୟ ପ୍ରକଳ୍ପକୁ ନେଇ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଭାଗ ପକ୍ଷରୁ ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜେକେ ପେପର୍ ମିଲ୍ସକୁ ‘ଗ୍ରୀନ୍ ଏନଭାଇରୋ ସେଫ୍ଟି’ ପୁରସ୍କାର

ରାୟଗଡା/ଜେକେପୁର,୧୭।୧(ସମିସ): କାର୍ଯ୍ୟସ୍ଥଳ ସୁରକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଜେକେପୁର ସ୍ଥିତ ଜେକେ ପେପର୍ ମିଲ୍ସକୁ ‘ଦ୍ୱିତୀୟ ବାର୍ଷିକ ଗ୍ରୀନ୍ ଏନଭାଇରୋ ସେଫ୍ଟି ଏକ୍ସେଲେନ୍ସ ଆୱାର୍ଡ଼୨୦୨୬’ର ପ୍ଲାଟିନମ୍ ଶ୍ରେଣୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାରଟି ଗ୍ରୀନ୍ ଏନଭାଇରୋ ଫାଉଣ୍ଡେସନ୍, ନୂଆଦିଲ୍ଲୀ ଦ୍ୱାରା ପେପର୍ ସେକ୍ଟରରେ ଜେକେ ପେପର୍ ମିଲ୍ସର ଉତ୍କୃଷ୍ଟ ସେବାକୁ ସ୍ୱୀକୃତି ସ୍ୱରୂପ ପ୍ରଦାନ କରାଯାଇଛି। ଗୋଆରେ ଗତ ୧୨ ଜାନୁଆରୀ ୨୦୨୬ ତାରିଖରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାରଟି ଭାରତ ସରକାରଙ୍କ ନୂତନ ଓ ନବୀକରଣ ଶକ୍ତି ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ ଶ୍ରୀପାଦ ଯେସୋ ନାଏକ ଜେକେ




ପେପର୍ ମିଲ୍ସର ମହାପ୍ରବନ୍ଧକ (ଇଏଚଏସ ) ସତ୍ୟଜିତ ମହାନ୍ତିଙ୍କୁ ପ୍ରଦାନ କରିଥିଲେ। ଏହି ସଫଳତାକୁ ନେଇ କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କ ନିଷ୍ଠା, ପରିଶ୍ରମ ଓ ପ୍ରତିବଦ୍ଧତାକୁ ମୁଖ୍ୟ କାରଣ ଭାବେ ଉଲ୍ଲେଖ କରାଯାଇଛି। ଜେକେ ପେପର ମିଲ୍ସ କାର୍ଯ୍ୟନିର୍ବାହୀ ଉପସଭାପତି କାର୍ମିକ ବିନୟ ଦ୍ୱିବେଦୀ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

### ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ

# ଅଯୋଧ୍ୟା-ବାରଣାସୀ ଗଲେ ୬ ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ






ରାୟଗଡା,୧୭ ।୧(ସମିସ): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାକୁ ଶନିବାର ଶୁଭାରମ୍ଭ କରିଛନ୍ତି ରାୟଗଡା ବିଧାୟକ ଆପଲାସ୍ୱାମୀ କାଡ୍ରାକା ଓ ଜିଲ୍ଲାପାଳ ଆଶୁତୋଷ କୂଳକର୍ଣ୍ଣି । ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣରେ ଆଜି ଯାଇଛନ୍ତି ଛଅ ଗୋଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ନାଗରିକ । ଦକ୍ଷିଣ-ପଶ୍ଚିମାଞ୍ଚଳ ଅନ୍ତର୍ଗତ କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲାର ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ ଜଣ ଏସକର୍ଟ ଆଜି ରାୟଗଡ଼ା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି । ରାୟଗଡା ବିଧାୟକ ଶ୍ରୀ କାଡ୍ରାକା, ଜିଲ୍ଲାପାଳ ଶ୍ରୀ କୂଳକର୍ଣ୍ଣିଙ୍କ ସହ ଅନ୍ୟ ଅତିଥି ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରି ବିଧାୟକ କହିଥିଲେ, ପରିଣତ ବୟସରେ ବରିଷ୍ଠ ନାଗରିକଙ୍କୁ ଏହି ଯାତ୍ରା ଧାର୍ମିକ ସହାୟତା ପ୍ରଦାନ ପାଇଁ ସରକାରଙ୍କ କାର୍ଯ୍ୟକ୍ରମ । ଆର୍ଥିକ ପରିସ୍ଥିତି ଓ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁ ଅନେକ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯିବାରୁ ବଞ୍ଚିତ ରହୁଥିଲେ । ତାହା ଦୂରେଇବା ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ବିଧାୟକ କହିଛନ୍ତି । ଜିଲ୍ଲାପାଳ ଶ୍ରୀ କୂଳକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ରେଳ ଷ୍ଟେସନଠାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ଦାସ, ରେଳବାଇ ଡିଆରଏମ ଅମିତାଭ ସିଂଘଲ, ଇଷ୍ଟ କୋଷ୍ଟ ଆଇଆରସିଟିସି ଏଜିଏମ୍ କ୍ରାନ୍ତି ସବରକାର, ଏଡିଏମ୍ ଜେନେରାଲ ନବୀନ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରେଳବାଇ ଆଇଆରସିଟିସି କର୍ତ୍ତୃପକ୍ଷ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ଚଳିତ ଥର ୭୭୫ ଜଣ ତୀର୍ଥଯାତ୍ରୀ ଓ ୨୫ ଏସକଟ ଅଫିସର ମିଶି ମୋଟ ୮୦୦ ଜଣ ଯାତ୍ରାର ସୁଯୋଗ ପାଇଛନ୍ତି । ୪ର୍ଥ ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବାବେଳେ ଏଥିରେ ରାୟଗଡା ଠାରୁ ଅଯୋଧ୍ୟା ଓ ବାରଣାସୀ ଭ୍ରମଣ ସ୍ଥିର କରାଯାଇଥିଲା । ଏଥିରେ ରାୟଗଡା ଜିଲ୍ଲାର ୧୧୮ ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୮ଜଣ, ନବରଙ୍ଗପୁର ୧୪୮ଜଣ, ମାଲକାନଗିରି ୭୫, ନୂଆପଡା ଜିଲ୍ଲାର ୭୪ ମଧ୍ୟ ଏବଂ କଳାହାଣ୍ଡିର ୧୯୨ ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା କରିଛନ୍ତି । ଗତକାଲି ଉକ୍ତ ଛଅଟି ଜିଲାରେ ତୀର୍ଥଯାତ୍ରୀଙ୍କୁ ରାୟଗଡାରେ ରହଣି ବ୍ୟବସ୍ଥା କରାଯାଇଥିବା ବେଳେ ସଂଧ୍ୟାରେ ଭଜନ ସନ୍ଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଆଜି ରାୟଗଡା ରେଳବାଇ ଷ୍ଟେସନ ସମ୍ମୁଖରେ ତୀର୍ଥଯାତ୍ରୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିଲା ।

### ■ ବ୍ଲକ୍ ଅଧକ୍ଷାଙ୍କ ବରୁଦ୍ଧରେ ଅନାସ୍ଥା ପ୍ରସଙ୍ଗ

# ୨୨ରେ ଭୋଟ ଗଣତି ସହ ଫଳାଫଳ ଘୋଷଣା

ଗୁଡାରୀ,୧୭ ।୧(ସମିସ): ଦୀର୍ଘ ଦିନର ଆଇନଗତ କୋର୍ଟ କଚେରି ଲଢେଇ ପରେ ଶେଷରେ ଆସନ୍ତା ୨୨ ତାରିଖ ଦିନ ବ୍ଲକ ଅଧକ୍ଷା ଲକ୍ଷ୍ମୀ ଶବରଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଯାଉଛି । ହାଇକୋର୍ଟଙ୍କ ସ୍ୱଷ୍ଟିକରଣ ପରେ ଅଣାଯାଇଥିବା ଅନାସ୍ଥା ଭୋଟ୍ର ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ଜଣାପଡିଛି । ଏହି ନିର୍ଦ୍ଦେଶ ପରେ ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୧୩ ତାରିଖରେ ଏକ ନୋଟିସ ଜାରି କରାଯାଇଛି । ଯାହା ଗୁଡ଼ାରୀ ରାଜନୀତିରେ ବଡ଼ ପରିବର୍ତ୍ତନ ଆଭାସ ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ, ଗତ ବର୍ଷ ୨୪ ଜୁଲାଇ ୨୦୨୫ରେ ବ୍ଲକ ଅଧକ୍ଷାଙ୍କ ବିରୋଧରେ ୧୬ ସମିତି ସଭ୍ୟ ସରପଞ୍ଚ ଅନାସ୍ଥା ଭୋଟ୍ ଗ୍ରହଣ କରାଯାଇଥିଲା । ଲକ୍ଷ୍ମୀ ଶବର ଏହାକୁ ଚେଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଶ୍ରୀମତି ଶବରଙ୍କ ଅବେଦନକୁ ନାକଚ କରିଛନ୍ତି । ଲକ୍ଷ୍ମୀ ଶବରଙ୍କ ହାଇକୋର୍ଟରେ ସମସ୍ତ ଉପସ୍ଥାପନା ରଦ୍ଦ ପରେ ଅନସ୍ଥା ଆଣିଥିବା ବିରୋଧିଦଳ ନୂଆ ଅଧକ୍ଷା ପାଇବା ପାଇଁ ଉତ୍ସାହରେ ବିଭର ହୋଇ ପଡିଛନ୍ତି । ଏଥି ମଧ୍ୟରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁଡାରୀ ତହସିଲଦାର ଏ ସ୍ନେହଲତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣତି କାର୍ଯ୍ୟ କରାଯିବ । ଏଥିରେ ଗୁଡ଼ାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରା ସମସ୍ତ ସହଯୋଗ କରିବା ପାଇଁ ଜଣାଇଦିଆଯାଇଛି । ସାତ ମାସ ହେଲାଣି ଗୁଣପୁର ସବ୍-ଟ୍ରେଜେରୀ ଅଫିସରେ ସୁରକ୍ଷିତ ଭାବେ ପଡି ରହିଥିବା ବାଲଟ ବକ୍ସକୁ କଡ଼ା ପୁଲିସ ସୁରକ୍ଷା ମଧ୍ୟରେ ଗୁଡାରୀ ବ୍ଲକ କାର୍ଯ୍ୟାଳୟକୁ ଅଣାଯିବ ର ସୂଚନା ମିଳିଛି । ବ୍ଲକ ପରିଷର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆବଶ୍ୟକୀୟ ପୋଲିସ ମୁତୟନ କରିବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ପଞ୍ଚାୟତ ସମିତି ସଭ୍ୟ ଓ ସଭ୍ୟା, ସରପଞ୍ଚ, କୋରାପୁଟ ସାଂସଦ ସମୟରେ ଗୁଣୁପୁର ବିଧାୟକଙ୍କୁ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବା ପାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ନୋଟିସ୍ ଚାରି କରାଯାଇଛି ।

# ବନ୍ଦେ ମାତରମ୍ର ୧୫୦ ବର୍ଷ ପୂର୍ତ୍ତି ସମାରୋହ




ରାୟଗଡା,୧୭।୧(ସମିସ): ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ରାଷ୍ଟ୍ରୀୟ ସଙ୍ଗୀତ "ବନ୍ଦେ ମାତରମ' ର ୧୫୦ ବର୍ଷ ପୂର୍ତ୍ତି ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବରୁ ରାୟଗଡା ପୌରପରିଷଦ ପରିସୀମା ଭିତରେ ଥିବା ବିଭିନ୍ନ ସ୍କୁଲ ଓ କଲେଜସ୍ତରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଛି । ଏହି ସମାରୋହରେ ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ । ଏହା ସହିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ର ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି, ରାୟଗଡା ପୌର ପରିଷଦ ଅଧ୍ୟକ୍ଷ ପି. ମହେଶ ପଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ପୌର ପରିଷଦ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଯୋଗଦେଇଥିଲେ । ପୌରପରିଷଦସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଚଳିତ ମାସ ୧୨ତାରିଖରେ ରାୟଗଡା ପୌରପାଳିକା ଅଧିନରେ ଥିବା ୫୫ଟି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ପ୍ରାୟ ୧୦୦୦୦ ଛାତ୍ରଛାତ୍ରୀ ସାମୁହିକ ଭାବେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ' ଗାନ କରିଥିଲେ । ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଇଶ୍ୱର ବିଜେଡି ନଗର ସଭାପତି, ବିଶ୍ୱନାଥ ବ୍ଲକ୍ ସଭାପତି ଘୋଷିତ





ଗୁଡାରୀ,୧୭।୧(ସମିସ): ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ୩୦ଟି ସାଙ୍ଗଠନିକ ଜିଲ୍ଲାର ନଗର ଓ ବ୍ଲକ ସଭାପତିଙ୍କ ନାମ ତାଲିକାରେ ମୋହର ମାରିବା ପରେ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏହାକୁ ଘୋଷଣା କରିଛନ୍ତି । ଏହି କ୍ରମରେ ଗୁଡାରୀ ବ୍ଲକ୍ ସଭାପତି ଭାବେ ବିଶ୍ୱନାଥ ଶବର(ଗୁଡାରୀ ବ୍ଲକ ଉପାଧକ୍ଷ) ଏବଂ ଗୁଡ଼ାରୀ ବିଜ୍ଞାପିତ ପରିଷଦର ସଭାପତି ଭାବେ ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥିପାଇଁ ଉଭୟେ ଦଳ ସୁପ୍ରିମୋଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀ ଶବର ଏବଂ ଶ୍ରୀ ପାଣିଗ୍ରାହୀ ଆଗାମୀ ଦିନରେ ବିଜୁ ଜନତା ଦଳକୁ ତୃଣମୂଳସ୍ତରରେ ସୁଦୃଢ କରିବା ପ୍ରଥମ କର୍ତ୍ତବ୍ୟ ହେବ ବୋଲି କହିଛନ୍ତି । ପରିଷଦର ବରିଷ୍ଠ କର୍ମୀ ସନ୍ତୋଷ ମହାନ୍ତି, କେଦାର ସାହୁ, ଶୁସିଳ ଗୁରୁ, ଚନ୍ଦ୍ର ପଣ୍ଡା, ସଦା ପାଣିଗ୍ରାହୀ, ସୁବାଷ ଗୌଡ, ଦୁଇ ପଦଧିକାରୀଙ୍କୁ ଶୁଭେଚ୍ଛା ଶଭକାମନା ଜଣାଇଛନ୍ତି ।

# କେନ୍ଦୁପତ୍ର ରେଞ୍ଜର ଦକ୍ଷତା ବିକାଶ ସଚେତନତା କାର୍ଯ୍ୟକ୍ରମ



ଆମ୍ବଦଳା,୧୭।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ କେନ୍ଦୁପତ୍ର ରେଞ୍ଜ ତରଫରୁ ଅମ୍ବାଦଳା ଓ ମୁନିଗୁଡା କେନ୍ଦୁପତ୍ର ସେକ୍ସନରେ ଏକ ଦକ୍ଷତା ବିକାଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କେନ୍ଦୁପତ୍ର ଡ଼ିଏଫଓ ଜୟପୁର ଡିଭିଜନଙ୍କ ତତ୍ତ୍ୱାବଧାନର ଆତ୍ମନିର୍ଭରଶୀଳ ଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା । ଏହି ଦକ୍ଷତା ବିକାଶ ସଚେତନା କାର୍ଯ୍ୟକ୍ରମରେ ମୁନିଗୁଡା ଓ ଅମ୍ବାଦଳା ଅଞ୍ଚଳର ୧୮ ବର୍ଷରୁ ୩୫ ବର୍ଷର ଯୁବକ ଯୁବତୀମାନଙ୍କ ପାଇଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଟେଲରିଂ, ମୋବାଇଲ ରିପେରିଂ, ଇଭି ମଟର ସାଇକଲ ରିପେରିଂ, ଡ୍ରାଇଭିଙ୍ଗ, ଜନସେବା କେନ୍ଦ୍ର ସ୍ଥାପନ ସଂପର୍କରେ ଯୁବକ ଯୁବତୀମାନଙ୍କୁ ସଚେତନ କରାଯାଇଥିଲା । ଅମ୍ବାଦଳା ଅଞ୍ଚଳରେ ୧୮ ଟି ଗ୍ରାମ ଓ ମୁନିଗୁଡା ଅଞ୍ଚଳର ୧୫ଟି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ଗ୍ରାମର ୪୦ ରୁ ୫୦ ଯୁବକ ଯୁବତୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନିଯୁକ୍ତି ଓ ଦକ୍ଷତା ବିକାଶ ଅଧିକାରୀ ସ୍ୱର୍ଣ୍ଣଲତା ରାଉତ, ଜେକେ କାଗଜ କଳର ସ୍ୱର୍ଷ ଅନୁଷ୍ଠାନ ସିମାଞ୍ଚଳ ନାୟକ, ଏଲସିସି କମ୍ପ୍ୟୁଟର ସଂଯୋଜକ ଭାଗବତ ବାତ୍ରା, ବିଷମକଟକ କେନ୍ଦୁପତ୍ର ରେଞ୍ଜର ଇନଚାର୍ଜ ପ୍ରମୋଦ କୁମାର ପାତ୍ର, ମୁନିଗୁଡା ଫରେଷ୍ଟର ଶକୁନ୍ତଳା ବେହେରା, ପ୍ରଫୁଲ୍ଲ କୁମାର ପ୍ରଧାନ, ପ୍ରିତିଲତା କୁଡୁଚି ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଆଗ୍ରହୀ ଯୁବକ ଯୁବତୀମାନେ ଆଗାମୀ ଦିନରେ ହାଟମୁନିଗୁଡା ସ୍ଥିତ ରାମକୃଷ୍ଣ ମିଶନ ଏବଂ ଚାଟିକଣା ସ୍ଥିତ ପ୍ରଶିକ୍ଷଣ କେନ୍ଦ୍ର ପ୍ରଶିକ୍ଷଣ ଦିଆଯିବ ବୋଲି ଶ୍ରୀ ପ୍ରମୋଦ ପାତ୍ର ପ୍ରକାଶ କରିଛନ୍ତି । ଯୁବକ ଯୁବତୀମାନଙ୍କୁ ୬୦ଦିନର ପ୍ରଶିକ୍ଷଣ ଦିଆଯାଇ ବିଭିନ୍ନ କର୍ମସଂସ୍ଥାନରେ ଭର୍ତ୍ତି କରାଯିବ ଏବଂ ସେମାନେ ରୋଜଗାରକ୍ଷମ ହୋଇପାରିବେ ବୋଲି ରେଞ୍ଜ ଇନଚାର୍ଜ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

# ଓଭରବ୍ରିଜ ପୁନରୁଦ୍ଧାର କାର୍ଯ୍ୟ ଯାଞ୍ଚ କଲେ ଜିଲ୍ଲାପାଳ



ରାୟଗଡ଼ା,୧୭।୧(ସମିସ): ରାୟଗଡ଼ାର ଲାଇଫଲାଇନ କୁହାଯାଉଥିବା ଓଭରବ୍ରିଜର ପୁନରୁଦ୍ଧାର/ନିର୍ମାଣ କାର୍ଯ୍ୟ ଚଳିତ ମାସ ଜାନୁଆରୀ ୧୦ତାରିଖରୁ ଜାରି ରହିଛି । ଫଳରେ ଓଭରବିଜ୍ର ରାସ୍ତା ବନ୍ଦ ଥିବାରୁ ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କ ପାଇଁ ସହରର ଦୁଇଟି ବିକଳ୍ପ ରାସ୍ତାରେ ଯାତାୟାତର ସୁବିଧା ବ୍ୟବସ୍ଥା କରାଯାଇଛି । ଲୋକେ ବିକଳ୍ପ ରାସ୍ତା ବ୍ୟବହାର କଲେ ମଧ୍ୟ ଯାତାୟାତରେ ଟ୍ରାଫିକ୍ ସମସ୍ୟା କିଛି କ୍ଷେତ୍ରରେ ଦେଖାଦେଉଛି । ତୁରନ୍ତ ଓଭରବ୍ରିଜ ପୁନରୁଦ୍ଧାର କାର୍ଯ୍ୟ ସମାପ୍ତି ହେଲେ ପୂର୍ବ ପରି ଏହାର ବହୁଳ ବ୍ୟବହାର ହେବା ସହ ସହରବାସୀ ଉପକୃତ ହେବେ । ଏନେଇ ଆଜି ରାୟଗଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ସଡକ ସୁରକ୍ଷା ସମିତି ଅଧକ୍ଷ ଆଶୁତୋଷ କୁଲକର୍ଣ୍ଣି ପୂର୍ବାହ୍ନରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି । ତଦାରଖ ସମୟରେ ଜିଲ୍ଲାପାଳ ନିର୍ମାଣରେ ଗୁଣବତା, ସୁରକ୍ଷା ବ୍ୟବସ୍ଥା ଏବଂ ମରାମତି କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଛନ୍ତି । ୩୨୬ନମ୍ବର ଜାତୀୟ ରାଜପଥ ବିଭାଗ ପକ୍ଷରୁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଜାରି ରହିଥିବା ମରାମତି କାର୍ଯ୍ୟ ଆସନ୍ତା ମାର୍ଚ୍ଚ ସୁଦ୍ଧା ଶେଷ ହେବାର ବିଭାଗ ଆକଳନ କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ସମୟାନୁକ୍ରମେ ମରାମତି କାମ ଉପରେ ନଜର ରଖିଥିବା ଦେଖିବାକୁ ମିଳିଛି । ଅପରପକ୍ଷେ ରାଜପଥ ବିଭାଗର ଅନୁରୋଧ କ୍ରମେ ପୌର ପାଳିକା ପକ୍ଷରୁ ଓଭରବ୍ରିଜ ତଳେ ବସୁଥିବା ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇ ଲାଲ କନା ବୁଲାଇ ଦିଆଯାଇଥିବା ଦେଖିବାକୁ ମିଳିଛି ।

# ଭାରୀଯାନ ଯାତାୟାତକୁ ସାହିବାସିନ୍ଦାଙ୍କ ବିରୋଧ



ରାୟଗଡ଼ା,୧୭।୧(ସମିସ): ରାୟଗଡ଼ା ସହରର ଓଭରବ୍ରିଜ ପୁନରୁଦ୍ଧାର ତଥା ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଚଳିତ ମାସ ୧୦ ତାରିଖରୁ ଏହା ଉପରେ ଦେଇ ଯାତାୟାତ କଟକଣା ଜାରି ରହିଛି । ପ୍ରଶାସନ ପକ୍ଷରୁ ଦୁଇଟି ବିକଳ୍ପ ରାସ୍ତାକୁ ସର୍ବସାଧାରଣ ବ୍ୟବହାର ପାଇଁ ବ୍ୟବସ୍ଥା କରାଯାଇଛି । ତେବେ ୩୨୬ନମ୍ବର ଜାତୀୟ ରାଜପଥରୁ ରୟତ କଲୋନୀ ଦେଇ ବାରିଝୋଲା ବାଇପାସ ରାସ୍ତାକୁ ସଂଯୋଗ ଥିବା ରାସ୍ତାକୁ ମଧ୍ୟ ଭାରିଯାନ ଓ ଚାରି ଚକିଆ ଯାନଗୁଡିକ ବହୁଳ ଭାବରେ ବ୍ୟବହାର କରୁଥିବାରୁ ଉକ୍ତ ରାସ୍ତାରେ ସଡକ ଦୁର୍ଘଟଣାର ଅଧିକ ସମ୍ଭାବନା ରହିବା ସହ ଟ୍ରାଫିକ୍ ସମସ୍ୟା ମଧ୍ୟ ଦେଖାଦେଇଛି । ରୟତ କଲୋନୀର ସମସ୍ତ ସାହିର ରାସ୍ତାଗୁଡିକ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି । ଉକ୍ତ ରାସ୍ତାରେ ବର୍ତ୍ତମାନ ଭାରୀଯାନଗୁଡିକର ଚଳାଚଳ ସଡକ ଦୁର୍ଘଟଣାର ସମ୍ଭାବନାକୁ ବୃଦ୍ଧି କରୁଛି । ତେଣୁ ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଇବାକୁ ଦାବି କରି ଆଜି ରୟତ କଲୋନୀ ୧୧ନଂ ଛକଠାରେ ସାହିବାସିନ୍ଦାମାନେ ରାସ୍ତା ଉପରେ ବାଇକଗୁଡିକ ରଖି ରାସ୍ତାରୋକ କରିଥିଲେ । ଫଳରେ ଅନେକ ଯାନବାହାନ ଉଭୟ ପଟରେ ଅଟକି ରହିବା ଏବଂ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା । ଖବର ପାଇ ରାୟଗଡ଼ା ଥାନା ଆରକ୍ଷୀ ନିରୀକ୍ଷକ ପ୍ରସନ୍ନ କୁମାର ବେହେରା ଓ ଅନ୍ୟ ଷ୍ଟାଫ୍ ଘଟଣାସ୍ଥଳରେ ପହଞ୍ଚି ସାହିବାସିନ୍ଦାଙ୍କ ସହ ଆଲୋଚନା କରି ରାସ୍ତାରୋକ ହଟାଇଥିଲେ । ଉକ୍ତ ମୁଖ୍ୟ ରାସ୍ତାର ଉଭୟ ପାଶ୍ୱର୍ରେ ପୁଲିସ କର୍ମଚାରୀ ମୁତୟନ କରି ଭାରୀଯାନ ଚଳାଚଳକୁ ନିଷେଧ କରିବା ବ୍ୟବସ୍ଥା କରିବା ସହ ଷ୍ଟପ ବୋର୍ଡଗୁଡିକ ଲଗାଇବା ବ୍ୟବସ୍ଥା କରିବାକୁ ପ୍ରତିଶୃତି ଦେଇଥିଲେ । ଯଦି କେହି ଗାଡି ଚାଳକ ଉକ୍ତ ଷ୍ଟପ୍ ବୋର୍ଡ ହଟାଇ ସାହି ରାସ୍ତା ବ୍ୟବହାର କରେ ତେବେ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବା ସହ ତାଗିଦ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ବେହେରା କହିଛନ୍ତି ।

# ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଘାଟିତ



**ଗୁଣପୁର,୧୭।୧(ସମିସ):** ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ଆଜି ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ଠାରେ ଦକ୍ଷଣ ଓଡିଶାସ୍ତରୀୟ ପାୱାର ଲିଫଟିଂ ତଥା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରିଡା ଅଧିକାରୀ ସେଖ୍ ଆଲେନୁରୁ ମୁଖ୍ୟ ଅତିଥି ରୁପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଓ ପଦ୍ମ ଚରଣ ପଣ୍ଡାଙ୍କ ସଂଯୋଜନା କ୍ରମେ ଏହି ପ୍ରତିଯୋଗିତା ସଞ୍ଚାଳନ ହେଉଥିବା ବେଳେ ଦକ୍ଷିଣ ଓଡିଶାର ଶତାଧିକ ପ୍ରତିଯୋଗୀ ଏଥିରେ ସାମିଲ ହୋଇଛନ୍ତି । ରେଫେରି ଦୋରା କଣ୍ଡାଗିରି, ବୃନ୍ଦାବନ ପାଲକା ଯୋଗ ଦେଇଥିଲେ । ବିଡିବି ରାବଣା ମୁର୍ଭୀ, ଆଡିଆ ଶବର, ପେଦାଲା ସନ୍ତୋଷ ସହଯୋଗ କରିଥିଲେ ।

### ଜଗନ୍ନାଥପୁର ପଞ୍ଚାୟତକୁ ନୂତନ ବ୍ଲକ୍ ମାନ୍ୟତା ଦାବି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର




ଗୁଣୁପୁର,୧୭।୧(ସମିସ): ଗୁଣୁପୁର ବ୍ଲକ୍‌ର ଜଗନ୍ନାଥପୁର ପଞ୍ଚାୟତକୁ ନୁତନ ବ୍ଲକ୍‌ର ମାନ୍ୟତା ପ୍ରଦାନ କରିବାକୁ ଦାବି କରି ଆଜି ୪ ରୋଟି ପଞ୍ଚାୟତର ଲୋକ ଗୁଣୁପୁର ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ତ୍ରିନାଥ ମନ୍ଦିର ଛକ ନିକଟରରୁ ଏକ ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଗୁଣୁପୁର ବ୍ଲକ୍‌ରେ ୧୯ ଗୋଟି ପଞ୍ଚାୟତ ରହିଛି । ଯେହେତୁ ସରକାରଙ୍କ ନିୟମ ଅନୁଯାୟି ଭୌଗଳିକ ଦୃଷ୍ଟି କୋଣରୁ ଗୁଣୁପୁର ବଡ ବ୍ଲକ୍ ରହିଛି ଜନସଂଖ୍ୟା ଅତ୍ୟାଧିକ ରହିଛି । ଏଣୁ ଏହି ବ୍ଲକ୍‌କୁ ଭାଗ କରି ଚାରୋଟି ପଞ୍ଚାୟତ ଯଥା ମୋରମା, ଗୋଠଲପଦର, ଜଗନ୍ନାଥପୁର, ଶ୍ରୀଝୋଲି , ବଂଶଧାରା ନଦୀର ପଶ୍ଚିମ ପାଶ୍ୱର୍ରେ ରହିଥିବା ଗ୍ରାମପଞ୍ଚାୟତର ଗ୍ରାମବାସୀ ଲେଖି ଦାବି ଜଣାଇଥିଲେ । ୧୯୬୦ ମସିହାରେ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ଗଠନ ସମୟରେ ଗୁଣପୁର ସହରରେ ଅବସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଜଗନ୍ନାଥପୁରରେ ପଞ୍ଚାୟତ ସମିତି ଭାବରେ କାର୍ଯ୍ୟ କରି ଆସୁଥିଲା । ପରବର୍ତ୍ତୀ ପରିସ୍ଥିତିରେ ଉପଖଣ୍ଡ ଓ ସହରର ସୁବିଧା ଦୃଷ୍ଟିରୁ ଏହାକୁ ଜଗନ୍ନାଥପୁର ବଦଳରେ ଗୁଣପୁର ସ୍ଥାନାନ୍ତର କରାଯାଇ ଗୁଣପୁର ପଞ୍ଚାୟତ ସମିତି କରାଗଲା । ଯେଉଁଥିରେ ବର୍ତ୍ତମାନ ୧୯ ଗୋଟି ଗ୍ରାମପଞ୍ଚାୟତ ରହିଛି । ଏହାରି ମଧ୍ୟରୁ ଉପରୋକ୍ତ ଗ୍ରାମ ପଞ୍ଚାୟତ ଗୁଡିକ ସମ୍ପୂର୍ଣ୍ଣ ଉପାନ୍ତ ଅଞ୍ଚଳ ଓ ଆନ୍ଧ୍ର ନିକଟବର୍ତ୍ତି ଅଞ୍ଚଳ ଅଟେ । ଉକ୍ତ ଜଗନ୍ନାଥପୁର ପଞ୍ଚାୟତ ସମିତି ଗଠନ ସମୟରେ ଏଠାରେ ଗୋଟିଏ ସିଏସସି (ପ୍ରାଥମିକ) ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅଧିକାରୀଙ୍କ ରହିବା ନିମନ୍ତେ ବଙ୍ଗଳା ଗଠନ କରଯାଇଥିଲା ଓ ଉପାନ୍ତ ଗୋଠଲପଦରଠାରେ ନକ୍ସଲ ବିରୋଧୀ ପୋଲିସ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ବର୍ତ୍ତମାନ ଉପରୋକ୍ତ ଗ୍ରାମପଞ୍ଚାୟତ ଗୁଡିକ ନିମ୍ନମତେ ଜନସଂଖ୍ୟା, ବିଦ୍ୟାଳୟ, ରଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଗୃହ, ଅଙ୍ଗନବାଡି କେନ୍ଦ୍ର, ରାଜସ୍ୱ ପରିଷଦ କେନ୍ଦ୍ର ରହିଛି । ଏହା ସହ ଉପରୋକ୍ତ ଗ୍ରାମପଞ୍ଚାୟତ ଗୁଡିକ ମନ୍ଦିର ମାଳିନୀ ଓ ଚାଷ ଉପଯୋଗୀ ଜମି ରହିଛି । ଶ୍ରୀ ସରକାରଙ୍କ ସହାୟତା ହେଲେ ଉପରୋକ୍ତ ଅଞ୍ଚଳରେ ପରିଦର୍ଶନ ସ୍ଥଳି ମଧ୍ୟ ସୃଷ୍ଟି କରାଯାଇ ଜମି ଯୋଗାଣ କରାଯାଇପାରିବ । ସରକାରଙ୍କ ଆବଶ୍ୟକ ମୁତାବକ ବିଭିନ୍ନ କାର୍ଯ୍ୟାଳୟ ଓ ସରକାରୀ ବାସଭବନ ନିର୍ମାଣପାଇଁ ସରକାରୀ ଜାଗା ରହିଛି । ଉପରୋକ୍ତ ଗ୍ରାମପଞ୍ଚାୟତ ଗୁଡିକୁ ନେଇ ତୁରନ୍ତ ଏକ ପଞ୍ଚାୟତ ସମିତି (ବ୍ଲକ) ଗଠନ ନିମନ୍ତେ ଗ୍ରାମବାସୀ ଦାବି କରିଥିଲେ । ଦାବପତ୍ର ପ୍ରଦାନ ସମୟରେ ପୂର୍ବତନ ସରପଞ୍ଚ ଗୌରି ଗମାଙ୍ଗ, ଅବସର ପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ଚୌଧୁରି, ବରିଷ୍ଠ ଓକିଲ ଗୌରି ଦାସ, ଲୋକ ପ୍ରତିନିଧି, ସ୍ଥାନୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଲିସର ନୂତନ ଅପରାଧିକ ନିୟନ୍ତ୍ରଣ ଆଇନ

# ୪ ଦୁର୍ଦ୍ଦାନ୍ତ ଅପରାଧି ଗିରଫ



ଜୟପୁର,୧୭ ।୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ନିୟମିତ ଦୁର୍ଦ୍ଦାନ୍ତ ଅପରାଧିମାନଙ୍କୁ ଦୃଢ ହସ୍ତରେ ଦମନ ନେଇ ନୂତନ ଅପରାଧିକ ନିୟନ୍ତ୍ରଣ ଆଇନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏନେଇ ଆଜି ଜୟପୁର ଟାଉନଥାନାରେ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏସଡିପିଓ ପାର୍ଥ କାଶ୍ୟପ ଏବଂ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ମିଳିତ ଭାବେ ସୂଚନା ଦେଇଛନ୍ତି। ନୂତନ ଭାରତୀୟ ନ୍ୟାୟ ସଂହିତାର ଧାରା (ବିଏନଏସଏସ) ୧୨୯ ଅନୁଯାୟୀ ସହରର ବିଭିନ୍ନ ଅପରାଧିକ ମାମଲାରେ ସାମିଲ ରହିଥିବା ୪ ଜଣ ଦୁର୍ଦ୍ଦାନ୍ତ ଅପରାଧିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସ୍ଥାନୀୟ ବାପୁଜୀ ନଗରର ଲିପୁନ ନାଗ, ଅଶୋକ ହନ୍ତାଳ, ଓଡିଆ ମେଦ୍ରୀ ସାହିର ସ୍ୱାଧିନ ପାଣିଗ୍ରାହୀ ଏବଂ ଗୋପବନ୍ଧୁ ନଗରର କାର୍ତ୍ତିକ ନାଗଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ହତ୍ୟା ଉଦ୍ୟମ, ଡକାୟତି, ଲୁଟ, ଚୋରି ଏବଂ ଦଙ୍ଗା ସୃଷ୍ଟି କରିବା ଭଳି ଜଘନ୍ୟ ମାମଲା ୩ ରୁ ୯ଟି ରହିଛି । ଏମାନେ ବିଏନଏନଏସର ଧାରା ୧୨୯ ଅନୁଯାୟୀ ଆଗାମୀ ଦିନରେ କୌଣସି ଅପରାଧିକ ମାମଲାରେ ସାମିଲ ନ ହେବା ନେଇ ବଣ୍ଡ କରିଥିଲେ। ଏହି ଆଧାରରେ ସେମାନଙ୍କୁ କୋର୍ଟ ପକ୍ଷରୁ ଜାମିନ ପ୍ରଦାନ କରାଯାଇଥିଲା। କିନ୍ତୁ ସେମାନେ ଜେଲରୁ ବାହାରିବା ପରେ ବିଭିନ୍ନ ଧର୍ତ୍ତବ୍ୟ ଅପରାଧିକ ମାମଲାରେ ସାମିଲ ହେବା ସହିତ ପୁଣି ଗିରଫ ହୋଇ ଜେଲକୁ ଯାଇ ଜାମିନରେ ଫେରୁଛନ୍ତି। ତେଣୁ ଏପରି ନିୟମିତ ତଥା ଦୁର୍ଦ୍ଦାନ୍ତ ଅପରାଧିମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରିବା ନେଇ ପୁଲିସ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଶ୍ରୀ କାଶ୍ୟପ ସୂଚନା ଦେଇଛନ୍ତି। ଏନେଇ ଜୟପୁର ଉପଖଣ୍ଡ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ତଥା ଉପଜିଲ୍ଲାପାଳଙ୍କ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଅନୁଯାୟୀ ଜୟପୁର ସହର ଏବଂ ଆଖପାଖ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ପାଇଁ ନିୟମିତ ଅପରାଧ କରି ଆସୁଥିବା ଦୁର୍ଦ୍ଦାନ୍ତ ଅପରାଧିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଆଗାମୀ ଦିନରେ ଏହିପରି ଉଭୟ ଟାଉନ ଓ ସଦରଥାନା ଅଞ୍ଚଳରେ ଏକାଧିକ ମାମଲାରେ ରହିଥିବା ଏବଂ ବାରମ୍ବାର ଅପରାଧି ଘଟଣାରେ ସାମିଲ ରହୁଥିବା ଅପରାଧିମାନଙ୍କ ବିରୋଧରେ ଭାରତୀୟ ଅପରାଧି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହିପରି ବଣ୍ଡ ପ୍ରଦାନ ସହ ଏହାକୁ ଖିଲାପ କରିଥିବା ଅପରାଧିମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଗଲେ ଜେଲ ହାଜତରେ ଦୀର୍ଘ ୯ ମାସ ପର୍ଯ୍ୟନ୍ତ ବନ୍ଦ ରହିବେ ବୋଲି ଏସଡିପିଓ ଶ୍ରୀ କାଶ୍ୟପ ସୂଚନା ଦେଇଛନ୍ତି। ସେହିପରି ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଅପରାଧ ଘଟାଇବା ପୂର୍ବରୁ ପ୍ରାୟ ୩୫ ଜଣ ଅପରାଧିଙ୍କୁ ଗିରଫ କରାଯାଇଛି। ଜାତୀୟ ସୁରକ୍ଷା ଆଇନ ନାସା ଅଧୀନରେ ଜୟପୁର ସଦରଥାନା ଉମୁରି ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧି ହୃଦାନନ୍ଦ ନାୟକ ଓରଫ ପ୍ରିନ୍ସକୁ ଗିରଫ କରାଯାଇଛି। ନିଶା ଦ୍ରବ୍ୟ ଚାଲାଣ ଏନଡିପିଏସରେ ୧୬ ଜଣ ଅପରାଧି, ଚୋରି ଓ ଡକାୟତି ମାମଲାରେ ୫୬ଜଣଙ୍କ ମିଶାଇ ୬ରୁ ୯ ମାସ ମଧ୍ୟରେ ସମୁଦାୟ ୧୭୦ ଜଣ ଅପରାଧିଙ୍କୁ ଗିରଫ କରାଯାଇଛି। ସେହିପରି ସାହି ଓ ବସ୍ତିରେ ରାତିରେ ଅପରାଧିମାନଙ୍କ ଦୌରାତ୍ମ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅପରାଧି ଦମନ କାର୍ଯ୍ୟ ଜାରୀ ରହିଛି। ଗତ ୨ ମାସ ମଧ୍ୟରେ ସହରରେ କୌଣସି ଲୁଟ ମାମଲା ରୁଜୁ ହୋଇନାହିଁ। ଏହିପରି ସହରର ସିସି କ୍ୟାମେରା ମାଧ୍ୟମରେ ଅପରାଧିଙ୍କ ସମେତ ମଦ୍ୟପ ଗାଡି ଚାଳକ ଏବଂ ବେପରୁଆ ବାଇକ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରୀ ରହିଛି। ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶ ଓ ନେତୃତ୍ୱରେ ଅପରାଧି ନିୟନ୍ତ୍ରଣ କାର୍ଯ୍ୟ ଆଗାମୀ ଦିନରେ ଅଧିକ କଡାକଡ଼ି କରାଯିବ ବୋଲି ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ୩୧ ଏକର ଗଞ୍ଜେଇ ଗଛ ନଷ୍ଟ



ବୈପାରିଗୁଡ଼ା,୧୭।୧(ସମିସ): ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତର କେନ୍ଦୁଗୁଡା ଅଞ୍ଚଳରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ପୋଲିସ, ଅବକାରୀ, ବନବିଭାଗ ଏବଂ ରାଜସ୍ୱ ବିଭାଗର ଉପସ୍ଥିତିରେ ମିଳିତ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ୩୧ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନେତୃତ୍ୱରେ ୧୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ବେଳେ ବୈପାରୀଗୁଡା ଅବକାରୀ ଅଧିକାରୀ ଅଜୟ କୁମାର ନାୟକଙ୍କ ନେତୃତ୍ୱରେ ୧୬ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏଥିରେ ବୈପାରିଗୁଡା ଥାନା ଏସ୍‌ଆଇ ସଞ୍ଜୀବ ବେହେରା, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା, ଗୁପ୍ତେଶ୍ୱର ବନବିଭାଗର ବନପାଳ ଲଳିତା ବିଡ଼ିକା ଏବଂ ତାଙ୍କ ଟିମ୍ ଏବଂ ଜୟପୁର ଅବକାରୀ ବିଭାଗର ଚନ୍ଦ୍ର ଶେଖର ପଡିହାରୀ, ନନ୍ଦପୁର ଓଆଇସି ରାଜୁ କୁମାରୀ କ୍ଷାତି, ବୈପାରୀଗୁଡା ଏଏସଆଇ ସରୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଗଞ୍ଜେଇ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡିଥିଲେ। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି।

## ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର



ଜୟପୁର,୧୭ ।୧ (ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସହର ନିକଟସ୍ଥ ପୌଷ୍ୟ ଗ୍ରାମ ଦୁବୁଲିଠାରେ ଚାଲିଥିବା ସ୍ୱତନ୍ତ୍ର ଶୀତକାଳୀନ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସୁନା, ଯୁକ୍ତ ୨ ଜାତୀୟ ସେବା ଯୋଜନା ଅଧିକାରୀ ସୀମା ମହାପାତ୍ର, ଆଲୋକ ମହାରଣା ଯୋଗଦେଇ ଗ୍ରାମର ସର୍ବାଙ୍ଗୀନ ବିକାଶ ପାଇଁ ଯୁବଶକ୍ତିର ଭୂମିକାକୁ ନେଇ ମତାମତ ପ୍ରଦାନ କରିଥିଲେ। ଶିବିରରେ ଅଂଶ ଗ୍ରହଣ କରିଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସମ୍ମାନ ପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଚେତନଧର୍ମୀ ନାଟକ ପ୍ରଦର୍ଶିତ କରିଥିବା ଛାତ୍ରୀମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଅଭିନୟ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରାତ୍ରି ସମୟରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ସ୍ନାତକ ବିଭାଗର ଜାତୀୟ ସେବା ଯୋଜନା ଅଧିକାରୀ ସୁନୀତା କୁମାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା।

## ୨ ସଡ଼କ ଦୁର୍ଘଟଣାରେ ୩ ଗୁରୁତର

ବୈପାରୀଗୁଡ଼ା,୧୭।୧(ସମିସ): ବୈପାରୀଗୁଡା ବ୍ଲକର ଦୁଇଟି ସ୍ଥାନରେ ଦୁଇଟି ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ଜୟପୁର ସ୍ଥାନାନ୍ତରିତ କରାଯାଇଛି। ସୂଚନାନୁଯାୟୀ, ଖରାଗୁଡା ଗାଁର ଭଗବାନ ଖୀଲ ଦରାଗୁଡା ମଣ୍ଡିକୁ ବାଇକ ଯୋଗେ ବାହାରିଥିଲେ। ହେଲେ ଖରାଗୁଡା ଛକରେ ଭରସାମ୍ୟ ହରାଇ ବାଇକ ରାସ୍ତା କଡ଼କୁ ଖସିଯାଇଥିଲା। ଫଳରେ ଭଗବାନ ଖିଲ ଛିଟିକି ପଡି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ବୈପାରୀଗୁଡା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେହିପରି ବୈପାରୀଗୁଡ଼ା ବ୍ଲକ୍ ବାଲିଗାଁ ପଞ୍ଚାୟତର ମାଙ୍କଡ଼ବେଡା ଗାଁର ଯୁବତୀ ପିଙ୍କି ହରିଜନ ତାଙ୍କ ସମ୍ପର୍କୀୟ ବସନ୍ତ ହରିଜନଙ୍କ ସହ ବାଇକରେ ବୈପାରୀଗୁଡା ଅଭିମୁଖେ ଆସୁଥିଲେ। ସେହି ସମୟରେ ସ୍କୁଟିରେ ଦୁଇ ଜଣ ଯୁବକ ଗୁପ୍ତେଶ୍ୱରରୁ ଫେରି ବୈପାରୀଗୁଡା ଅଭିମୁଖେ ଆସୁଥିଲେ। ମୁଣ୍ଡାଗୁଡା ପେଟ୍ରୋଲ ପମ୍ପ ନିକଟରେ ପଛକୁ ପଛ ବାଇକ ସହ ସ୍କୁଟି ଧକ୍କା ହୋଇଥିଲା। ଫଳରେ ପିଙ୍କି ଏବଂ ବସନ୍ତ ଛିଟିକି ପଡିଥିଲେ। ଉଭୟଙ୍କୁ ପ୍ରଥମେ ବୈପାରୀଗୁଡା ମେଡିକାଲ ପରେ ଜୟପୁରକୁ ସ୍ଥାନାନ୍ତରିତ କରାଯାଇଛି।

## ରାମ ଅଣ୍ଟା ବିରିଆ ସେମିଳିଗୁଡା ବ୍ଲକ୍ ବିଜେଡି ସଭାପତି



ସେମିଳିଗୁଡା,୧୭।୧(ସମିସ): ବିଜୁ ଜନତା ଦଳ ତାର ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ମଜବୁତ କରିବା ପାଇଁ ବ୍ଲକ୍ ସଭାପତିମାନଙ୍କୁ ନିଯୁକ୍ତି ପ୍ରକ୍ରିୟା ଜାରି ରଖିଛି। କୋରାପୁଟ ଜିଲ୍ଲାରେ ବିଭିନ୍ନ ବ୍ଲକ୍ ଓ ପୌର ପରିଷଦରେ ବିଜେଡି ସଭାପତି ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଶୁକ୍ରବାର ରାତିରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ନିଯୁକ୍ତି ପାଇ ଥିବା ସଭାପତିଙ୍କ ନାମ ଘୋଷଣା କରିଥିଲେ। ଏହି କ୍ରମରେ ସେମିଳିଗୁଡା ବ୍ଲକ୍ ପାଇଁ ରାମ ଅଣ୍ଟା ବିରିଆଙ୍କୁ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ରାମ ଅଣ୍ଟା ବିରିଆ ଦଳ ପାଇଁ କାମ କରୁଥିବା ବେଳେ ଅନେକ ସମୟରେ ବିଭିନ୍ନ ପଦବୀରେ ରହି ଆସୁଥିଲେ। ପୁଣି ଥରେ ସଭାପତି ଦାୟିତ୍ୱ ମିଳିଛି। ସେହିପରି ସୁନାବେଡ଼ା ପୌର ପରିଷଦ ପାଇଁ ବିଜେଡି ସଭାପତି ଭାବେ ଜ୍ଞାନ ରଞ୍ଜନ ମହାନ୍ତି ( କାଳିଆ) ଙ୍କୁ ଚୟନ କରାଯାଇଛି। ଉଭୟ ନବ ସଭାପତିଙ୍କୁ ଜିଲ୍ଲା ସଭାପତି ଝିନ୍ନ ହିକୋକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପିତମ ପାଢ଼ି, ପ୍ରଫୁଲ୍ଲ କୁମାର ପାଙ୍ଗି ଓ ଅନ୍ୟ ନେତା ଶୁଭେଚ୍ଛା ଜଣାଇଥିଲେ। ସେମିଳିଗୁଡା ବ୍ଲକରେ, ସୁନାବେଡ଼ା ପୌର ପରିଷଦରେ ବିଜୁ ଜନତା ଦଳକୁ ମଜବୁତ କରିବା ଲକ୍ଷ୍ୟରେ କାମ କରିବୁ ବୋଲି ଦୁଇ ସଭାପତି କହିଥିଲେ।

## ରାଇଘର ପଞ୍ଚାୟତ ସମିତିର ସାଧାରଣ ବୈଠକ

ରାଇଘର,୧୭।୧(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ସଦର ମହକୁମାର ବୈଠକ ଗୃହଠାରେ ପଞ୍ଚାୟତ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝଙ୍କାର ଯୋଗ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା, ସମସ୍ତ ସମିତି, ସମସ୍ତ ସରପଞ୍ଚ, ସମସ୍ତ ଜିଲ୍ଲା ପରିଷଦ, ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାଇଘର ତହସିଲଦାର, ସ୍ୱାସ୍ଥ୍ୟ ଅଧିକାରୀ, ପଶୁ ଚିକିତ୍ସା ଅଧିକାରୀ, କନିଷ୍ଠ ମୃତ୍ତିକା ସଂରକ୍ଷଣ ଅଧିକାରୀ ଓ ସମସ୍ତ ବିଭାଗୀୟ ଅଧିକାରୀମାନେ ମଞ୍ଚାସିନ ରହିଥିଲେ। ଜିପିଓ ପ୍ରଥମେ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ଆଜିର ଏହି ବୈଠକରେ ବିଶେଷ କରି ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଶିକ୍ଷା ଅଧିକାର ଆଇନ ଖାଦ୍ୟ ଓ ଯୋଗାଣ, କୃଷି ଓ ଉଦ୍ୟାନ ଓ ଜଳ ବିଭାଜିକା ଉପରେ ପ୍ରାଞ୍ଜଳ ଭାବେ ଆଲୋଚନା କରାଯିବା ସହ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ସମ୍ପୃକ୍ତ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ ଓ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଜନାଗୁଡ଼ିକୁ ସଠିକ ଭାବେ କାର୍ଯ୍ୟାନ୍ୱୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଏରୋନଟିକ୍ସ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ପଦଯାତ୍ରା



ସୁନାବେଡ଼ା,୧୭।୧(ସମିସ): ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟର ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଯୁବ ରେଡ କ୍ରସ ତରଫରୁ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ହୋଇଯାଇଛି। ଏହି ପଦଯାତ୍ରାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅନସୂୟା ନନ୍ଦ ନାଲି ଫିତା କାଟି ଶୁଭାରମ୍ଭ କରିଥିଲେ। ପଦଯାତ୍ରାଟି ହାଲ ସହରାଞ୍ଚଳ ପରିଭ୍ରମଣ କରିବାପରେ ହାଲର ସେମିଳିଗୁଡାପଟ ଦ୍ୱିତୀୟ ଗେଟ ଉର୍ଜା ଗେଟରେ ସ୍ୱେଚ୍ଛାସେବୀମାନେ ଗାଡ଼ି ଚାଳକଙ୍କୁ ସଡ଼କ ସୁରକ୍ଷାର ନାରାଦେଇ ସଚେତନତା କରିଥିଲେ। ଯେଉଁ ଗାଡ଼ି ଚାଳକ ନିୟମ ମାନି ଗାଡ଼ି ଚଳାଉଥିଲେ ସେମାନଙ୍କୁ ଚକଲେଟ ଦେଇ ପ୍ରଶଂସା କରିଥିବା ବେଳେ ଅମାନିଆ ଗାଡ଼ି ଚାଳକଙ୍କୁ ସଚେତନ କରାଇଥିଲେ। ଏହି ପଦଯାତ୍ରାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ନନ୍ଦ ନିଜେ ସ୍ୱେଚ୍ଛାସେବୀଙ୍କ ସଙ୍ଗେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ୱାଇଆରସିର କାଉନସିଲର ଡକ୍ଟର ଶାନ୍ତନୁ ନାୟକ ଓ ସହଯୋଗୀ କାଉନସିଲର ଚିନ୍ମୟୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ପଦଯାତ୍ରା ହୋଇଥିଲା। ବରିଷ୍ଠ ଅଧ୍ୟାପିକା ବିଶ୍ୱଜିତା ପାଢ଼ୀ, ଅଧ୍ୟାପକ ଦିଲ୍ଲୀପ ସାମଲ, ରୁଚିକା ମାଣିଆ, ମଦନ ହରିଜନ, ଶ୍ରୀଲତା ଯେନା, ପ୍ରିୟଙ୍କା ରାଣୀ ମହାନ୍ତି ଆଦି ୱାଇଆରସିର ସ୍ୱେଚ୍ଛାସେବୀଙ୍କୁ ସହଯୋଗ କରିବା ସଙ୍ଗେ ଉତ୍ସାହିତ କରିଥିଲେ।

## ସେମିଳିଗୁଡ଼ା ମହାବିଦ୍ୟାଳୟରେ ଯୁବ ମହୋତ୍ସବ ଉଦ୍‌ଘାଟିତ

ସେମିଳିଗୁଡ଼ା, ୧୭।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟର ଯୁଥ ରେଡକ୍ରସ ଶାଖା ତରଫରୁ ମଣ୍ଡଳସ୍ତରୀୟ ତ୍ରିଦିବସୀୟ ଯୁବ ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲାର ୪୫ଟି ମହାବିଦ୍ୟାଳୟର ରେଡକ୍ରସ ସ୍ୱେଚ୍ଛାସେବୀଙ୍କୁ ନେଇ ଆୟୋଜିତ ହୋଇଥିବା ଏହି ମହୋତ୍ସବରେ



କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ବୃକ୍ଷରୋପଣ କରି ବଟାନିକାଲ ଗାର୍ଡେନର ଉଦ୍‌ଘାଟନ କରିଥିଲେ। ଏହାପରେ ରେଡକ୍ରସ ପତାକା ଉତ୍ତୋଳନ କରିବା ସହିତ ତ୍ରିଦିବସୀୟ ଶିବିରରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କଳା ଓ ବିଜ୍ଞାନ କ୍ଷେତ୍ରରେ ଅଗ୍ରଗତି କରିବା ସହିତ ଦେଶ ମାତୃକାର ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାଂସଦ ସପ୍ତଗିରି ମହାବିଦ୍ୟାଳୟର ଖେଳ ପଡ଼ିଆର ଉନ୍ନତିକରଣ ନିମନ୍ତେ ଜିଲ୍ଲା ଖଣିଜ ପାଣ୍ଠିରୁ ପନ୍ଦର ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ। ସେହିପରି ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଉନ୍ନତି ନିମନ୍ତେ ଯଥୋଚିତ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା କୃଷ୍ଣ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭାବୀ ଛାତ୍ରଛାତ୍ରୀ ଯେପରି ଶିକ୍ଷାରୁ ବଞ୍ଚିତ ନହେବେ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ମହାହବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସୀ ସିଂହ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପୌର ପରିଷଦର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, ସମାଜସେବୀ ସୁମନ୍ତ କୁମାର ପ୍ରଧାନ, କଂଗ୍ରେସର ଜିଲ୍ଲା ସଭାପତି ରୂପକ କୁମାର ତୁରୁକ, ଜାତୀୟ ଯୁବ ପ୍ରକଳ୍ପ ଆବାହକ ମଧୁସୂଦନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ସେମିଳିଗୁଡା ମହାବିଦ୍ୟାଳୟ ତଥା ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ରେଡ଼କ୍ରସ କାଉନ୍ସେଲର,ଅଧ୍ୟାପକ ଅଧ୍ୟାପିକା ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରେଡ଼କ୍ରସ କାଉନ୍ସେଲର ଶିବାଶିଷ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଡ.ଗୀତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧନା



ଦାମନଯୋଡ଼ି,୧୭।୧(ସମିସ): ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ନାଲକୋ ଅପରେସନ ବିଭାଗର ସୁପରିଣ୍ଟେଡେଣ୍ଟ ଆମୋଦ କୁମାର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ମନ୍ଦିର କମିଟିର ଏକ ବୈଠକରେ ଚଳିତ ମାସ ଅବସର ନେବାକୁ ଥିବା ଶ୍ରୀ ପାଣିଗ୍ରାହୀଙ୍କୁ ମନ୍ଦିରର କ୍ୟାଲେଣ୍ଡର ଓ ମୁଖପତ୍ର 'ମହାପ୍ରସାଦ' ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟମାନେ ତାଙ୍କ ଅବସରକାଳୀନ ଜୀବନ ସରସ, ସୁନ୍ଦର, ନୀରୋଗ,ନିରାମୟ ରହିବା ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ସମୟରେ କମିଟି ସଭାପତି ତଥା ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ, ସମ୍ପାଦକ କୈଳାସ ସେନାପତି ଓ ଯୁଗ୍ମ ସଂପାଦକ ତ୍ରିଲୋଚନ ଚୌଧୁରୀଙ୍କ ସହିତ ସଦସ୍ୟ ରଞ୍ଜନ କୁମାର ବେହେରା, ବିମଳ ନାୟକ, ନକୁଳ ଚରଣ ପତି, ପିକେ ମୁନି, କୈଳାସ ଚନ୍ଦ୍ର ମହାରଣା, ଖଦାଳ ନାୟକ, ଆର୍‌ଏନ୍ ମୁଦୁଲି ଓ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଡ଼ଃ ଅଶୋକ କୁମାର ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ।

## ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ପଟ୍ଟାଙ୍ଗି,୧୭।୧(ସମିସ): ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଟ୍ଟାଙ୍ଗିଠାରେ ଦୁଇଦିନଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୧୬ ତାରିଖରେ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ



ବିଦ୍ୟାଳୟର ଅଧ୍ୟକ୍ଷ ଡଃ ରାମକୃଷ୍ଣ ସାମଲ କ୍ରୀଡା ପତାକା ଉତ୍ତୋଳନ କରି ଏହି ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଉଭୟ ବାଳକ ଏବଂ ବାଳିକାମାନଙ୍କ ମଧ୍ୟରେ ଦୌଡ ପ୍ରତିଯୋଗିତା, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଗୋଳାଫିଙ୍ଗା ଏବଂ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ବାଳକ ବିଭାଗର ୧୦୦ ମିଟର ଦୌଡରେ ସୁବିନ୍ଦ୍ର ଯେଟି, ୨୦୦ ମିଟର ଦୌଡରେ ସନ୍ଦିପ ଶିସା, ୪୦୦ ମିଟର ଦୌଡରେ ସୁବିନ୍ଦ୍ର ଯେଟି, ଉଚ୍ଚ ଡିଆଁରେ ଶିବ ସଦାପେଲି, ଲମ୍ବ ଡିଆଁରେ ସନ୍ଦିପ ଶିସା, ସର୍ଟପୁଟରେ ଜିନୁ ଇସରାପ, ଗୋଳାଫିଙ୍ଗାରେ ରବି ଖରା ପ୍ରଥମ ସ୍ଥାନ ଅଧିକାର କରିଥିବା ସମୟରେ ବାଳିକା ବିଭାଗରେ ୧୦୦ ମିଟର ଦୌଡରେ ମମତା କଟାବାଲି, ୨୦୦ ମିଟର ଦୌଡରେ ମମତା ପାଙ୍ଗୀ, ମ୍ୟୁଜିକ ଚେୟାରରେ ସରୀତା ବାଙ୍ଗଟେଲ୍, ଲମ୍ବ ଡିଆଁ, ସର୍ଟପୁଟ, ଗୋଳାଫିଙ୍ଗାରେ ମାମି ମୁଣ୍ଡଗଡିଆ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁକାନ୍ତ ଚନ୍ଦ୍ର ରାଉତରା ଏହି କ୍ରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପିକା ରାଜଶ୍ରୀ କୁମାରୀ ବିଶ୍ୱାଳ, ଜୋସ୍ନାମୟୀ ସାହୁ, ଅଧ୍ୟାପକ ବୈଲୋଚନ ରଣା, ଡଃ ଶେଷଦେବ ବାରିକ, ସରୋଜ ରଞ୍ଜନ ଭୂୟାଁ, ଶିକ୍ଷା ବିଭାଗର ଡେମୋନେଷ୍ଟ୍ରେଟର ସୁଧାଂଶୁଭୂଷଣ ଯେନା, ଲାଇବ୍ରେରିୟାନ ସଞ୍ଜୟ କୁମାର ପରିଡା ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ହୃଷିକେଶ ପ୍ରଧାନ, ମନୋଜ କୁମାର ଦାସ, ତୋଟାପାଡିଆ ଯିନୁ, ଫକିରମୋହନ ପଣ୍ଡା, ଦଇମତୀ ଗୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହି କ୍ରୀଡା କର୍ଯ୍ୟକ୍ରମଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡା ଦାୟୀତ୍ୱରେ ଥିବା ଇଂରାଜୀ ବିଭାଗର ଅଧ୍ୟାପକ ଅଶୋକ ନାୟକ ଏବଂ ଅନିଲ କୁମାର ଖିଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ସମସ୍ତ ବିଜେତାମାନଙ୍କୁ ଆସନ୍ତା ଜାନୁଆରୀ ୨୬ ତାରିଖରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷ ଡ଼ଃ ସାମଲ କହିଛନ୍ତି।

## ସରୁନି କେନାଲ ମରାମତି, ଛଡା ଯାଉନି ପାଣି



### ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୧୭।୧(ସମିସ): କୋଲାବ ଜଳସେଚନ ପ୍ରକଳ୍ପର କେନାଲର ମରାମତି କାମ ସରୁ ନଥିବାରୁ କେନାଲରେ ପାଣି ଛଡା ଯାଉନି। ଯାହାଦ୍ୱାରା ଚାଷ କାର୍ଯ୍ୟ ପାଇଁ ହନ୍ତସନ୍ତ ହେଉଛନ୍ତି ବାଲିଆ ପଞ୍ଚାୟତର ଚାଷୀ। ଯଥାଶୀଘ୍ର କେନାଲରେ ପାଣି ଛାଡିବାକୁ ନେଇ କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତର ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ସେପ୍ଟେମ୍ବର ମାସରୁ କେନାଲର ମରାମତି ପାଇଁ ଟେଣ୍ଡର ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାମ ସରି ନଥିବାରୁ ଜଳସେଚନ ବିଭାଗ ଓ ଠିକାଦାର ମଧ୍ୟରେ ମଧୁଚନ୍ଦ୍ରିକା ପଦାରେ ପଡିଛି। ଚଳିତ ମାସ ୧୦ ତାରିଖରେ ଜଳସେଚନ ବିଭାଗର ସିସି ପାଣି ଛାଡିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କ'ଣ ପାଇଁ ପାଣି କେନାଲରେ ଛଡା ଯାଇନି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଅନ୍ୟ କେନାଲ ଗୁଡିକ ମରାମତି ପରେ ପାଣି ଛଡା ଯାଇଥିଲେ ମଧ୍ୟ ଆମ ଅଞ୍ଚଳରେ କ'ଣ ପାଇଁ ପାଣି ଛଡା ଯାଉ ନାହିଁ ବୋଲି ସେମାନେ କହିଛନ୍ତି। ଜଳସେଚନ ବିଭାଗର ବୈଠକରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ନିର୍ଦ୍ଧାରିତ ସମୟରେ ପାଣି ଛଡାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା, ସେଥିପାଇଁ ଚାଷୀମାନେ ତଳି ପକାଇଥିଲେ। ପାଣି ନ ଛାଡ଼ିଲେ ତଳି ଗୁଡିକ ନଷ୍ଟ ହୋଇଯିବା ସହିତ ପଞ୍ଚାୟତର ୧୦ ଖଣ୍ଡ ଗ୍ରାମର ଶତାଧିକ ଚାଷୀ ଚାଷ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେମାନେ କହିଛନ୍ତି। ତେଣୁ ଯଥାଶୀଘ୍ର କେନାଲରେ ପାଣି ଛାଡିବାକୁ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

